ମୁକ୍ତିପଥେ

ଶ୍ରୀ ଗଙ୍ଗାଧର ମିଶ୍ର

Digitized by srujan ka@gmail.com

ମୁକ୍ତି ପଥେ



ଲେଖକ

ଶ୍ରୀ ଗଙ୍ଗାଧର ମିଶ୍ର

ଜ୍ୟୋତିର୍ଓପାଧ

ପ୍ରଥମ ସଂସ୍କରଣ

୧୯୫୧

ପ୍ରକାଶକ—ପ୍ରଜାତନ୍ତ୍ର ପ୍ରଚାର ସମିତି
କଟକ—୨

ମୂଲ୍ୟ—ଅ୦ଅଣା

Digitized by srujan ka@gmail.com

ଅଭିମତ

ବନ୍ଧୁ ଗଙ୍ଗାଧର ବାବୁ କେବେ କବିତା ଲେଖନ୍ତି ବୋଲି ଜାଣି ନ ଥିଲି । ତେଣୁ ତାଙ୍କ କବିତା ଗୋଟାଏ ଦେଖି ପ୍ରଥମେ କୌତୂହଳ ବୋଧ ହେଲା । ପରେ ଓଲଟାଇ 'ଶ୍ୱେତ ଗୁମ୍ଫାର' କବିତାଟି ଅବସରରେ ପଢ଼ିଲି ଓ ପଢ଼ିସାରି ମୁଗ୍ଧ ହେଲି । ସେହିଭଳି 'ଗାଁ ଗହଳ' କବିତାଟି ମଧ୍ୟ ସୁଖ ଲାଗିଲା । ଅଧିକ ମତାମତ ପ୍ରକାଶ କରିବା ଅନାବଶ୍ୟକ । ସୁଅ ମୂଲ୍ୟ ଶୁଅ ନିଜେ କହିବ । ଗଙ୍ଗାଧର ବାବୁ ଏଭଳି ମତାମତର ଅପେକ୍ଷା ନ ରଖି ବିଶେଷତଃ ଗାଁ ଗହଳ ପାଇଁ ଅଧିକ କବିତା ଲେଖନ୍ତୁ । ଏତିକି ତାଙ୍କୁ ଅନୁରୋଧ ।

କାଳିନ୍ଦୀ ଚରଣ ପାଣିଗ୍ରାହୀ

କଟକ ୧୯।୩।୫୧

Digitized by srujan ka@gmail.com

ଉତ୍ସର୍ଗ ପତ୍ର

ମାନ୍ୟବର ଭାରତ ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ
ଶ୍ରୀ ହରେକୃଷ୍ଣ ମହତାବ ମହୋଦୟ
ଉଦାର ହୃଦୟେଷୁ

ମହାଶୟ,

ଆଜକୁ ପ୍ରାୟ ୩୦ ବର୍ଷ ତଳେ ଯେତେବେଳେ ମହାତ୍ମାଜୀଙ୍କ ନେତୃତ୍ୱରେ ଏ ଦେଶର ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଉନ୍ମାଦନା ଆବାଳବୃଦ୍ଧ ଜନତା ସମସ୍ତଙ୍କ ପ୍ରାଣରେ ନୂତନ ସ୍ପନ୍ଦନ ଆଣିଥିଲା ସେହି ଐତିହାସିକ ମୁହୂର୍ତ୍ତରେ ଯେଉଁ କେତେଜଣ ତରୁଣକର୍ମୀ ଆପଣଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲାରେ କଂଗ୍ରେସ କାର୍ଯ୍ୟରେ ବ୍ରତୀ ଥିଲେ ଏ ଲେଖକ ସୌଭାଗ୍ୟ ବଶତଃ ସେମାନଙ୍କ ମଧ୍ୟରୁ ଜଣେ । ସେତେବେଳେ ଆପଣଙ୍କର ନିରାଡମ୍ବର ଓ ତ୍ୟାଗପୂତ ଆଦର୍ଶ ଏ ଜୀବନରେ ଯେଉଁ ରେଖାପାତ କରିଥିଲା ତାହା ଲିଭିବାର ନୁହେଁ । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଏହି ପୁସ୍ତିକା ଆପଣଙ୍କର କରକମଳରେ ଅର୍ପଣ କଲି ।

ଗୁଣମୁଗ୍ଧ
ଲେଖକ

Digitized by srujan ka@gmail.com

ମୁକ୍ତି ପଥେ

କରୁଛନ୍ତି କାର ଧ୍ୟାନ ?

ଭାରତ ମୁଖ୍ୟମନ୍ତ୍ରୀ ଜବାହର   କରୁଛ କାର ଧ୍ୟାନ ?
ସତ୍ୟ ସ୍ୱାଧୀନ ଭାରତରେ ନିତ୍ୟ   ବାଜର ମହାଜ୍ଞାନ ।
ଉତ୍ତରଖଣ୍ଡରେ ଶୀତ ଆତଙ୍କ   ମାନବ ଅଙ୍ଗ ବଣା
ନଭୋମଣ୍ଡଳ ବର୍ଷୁଛି ସିକ୍ତ   ହିମତୁଷାର କଣା ।
ହିମାଳୟ ଶିର ହିମ ପରଶି   ପ୍ରବଳ ବହେ ବାୟୁ
ଅସ୍ଥି ମଜ୍ଜା ବରଫ ପାଲଟେ   ନାଇଁ ବା କରେ ସ୍ନାୟୁ
ଶାନ୍ତି ଯେ ଅବସାନ ।
ଭାରତ ମୁଖ୍ୟମନ୍ତ୍ରୀ ଜବାହର   କରୁଛ କାର ଧ୍ୟାନ
ସତ୍ୟ ସ୍ୱାଧୀନ ଭାରତରେ ନିତ୍ୟ   ବାଜର ମହାଜ୍ଞାନ । ୧ ।

ଆଶ୍ରୟପ୍ରାର୍ଥୀ ଶିବିରର ଅଗ୍ନି   କଷ୍ଟ ସହିବ କିସ
ବସନାଭାବେ ମରିବେ ପିଲା   ହେଲୁ ନିର୍ଦ୍ଦୟ ଧସ
ଶିଶୁପାଳନ ସୁଖ ନ ଥିବ   ମଧୁର ସରଗ ଦୀପ
ଜନନୀ ହୃଦୟେ ଆଣିବ   ଦାରୁଣ ଶୈତ୍ୟ ତ୍ରାସ
ଅସ୍ଥିର କରେ ପ୍ରାଣ
ଭାରତ ମୁଖ୍ୟମନ୍ତ୍ରୀ ଜବାହର   କରୁଛ କାର ଧ୍ୟାନ
ସତ୍ୟ ସ୍ୱାଧୀନ ଭାରତରେ ନିତ୍ୟ   ବାଜର ମହାଜ୍ଞାନ ।୨।

ଅହିଂସା ଗୁରୁ ପରମଶିଷ୍ୟ ।   ଗଢ଼ାଏ କେବଳ ବୀର
ବିଶ୍ୱ କମ୍ପଣେ ସନ୍ତତ ଦୁଃଖୀ   ଉନ୍ନତ ଉଚ୍ଚ ଶିର

Digitized by srujan ka@gmail.com

ସୁନାର ଦେଶ କରିବ ସୃଜନା
ସ୍ପଷ୍ଟ ଅଟଳ ପଣ
ଅପୂର୍ବ ତବ ମାନବ ପ୍ରୀତି
ନିଖିଳ ବିଶ୍ୱ ପ୍ରାଣ
ଉଠାଏ ଜୟଗାନ
ଭାରତ ମୁଖ୍ୟମନ୍ତ୍ରୀ ଜବାହର
କରୁଛୁ ତାର ଧ୍ୟାନ
ସତ୍ୟ ସ୍ୱାଧୀନ ଭାରତରେ ନେତା
ବଡର ମହାଜ୍ଞାନ ।୩।

ନୂତନ ସ୍ୱାଧୀନ ଗଣତନ୍ତ୍ରପର୍ବ
ପ୍ରଣମେ ଭକ୍ତିଭରେ
ଦୁର୍ଲ୍ଲଭ ତବ ସ୍ୱଦେଶ ସୁଖ
ଘଟିଛି ଘରେ ଘରେ
ଘୁଞ୍ଚାଇ ଚିର ଦୁଃଖ ଦୁର୍ଗତି
କଲ୍ପନା କର ବୀର
ସୃଜିବ ସ୍ୱଦେଶେ ସ୍ୱର୍ଗପୁରୀ
ଇଚ୍ଛା ଅଟଳ ସ୍ଥିର
ଧନ୍ୟ ହେ ପୁଣ୍ୟବାନ
ଭାରତ ମୁଖ୍ୟମନ୍ତ୍ରୀ ଜବାହର
କରୁଛୁ ତାର ଧ୍ୟାନ
ସତ୍ୟ ସ୍ୱାଧୀନ ଭାରତର ନେତା
ବଡର ମହାଜ୍ଞାନ ।୪।

—o—

ରଘୁପତି ରାଘବ ରାଜାରାମ

ନୁଆଖାଳିର ଦାରୁଣ ଦୁଃଖ କାହାଣୀ,
କର୍ଣ୍ଣକୁହରେ ଅଶନି ସମ ବ୍ୟଥା
ଅଣିଛି ଅଜ ଭରତେ ମା'ଏ ଗତ
ଖଡଗପୁର ସୈତାନ୍ ଉଠେ ମାତ ।
ହିଂସା ଚଳନ୍ତି ଶୁଣେ ଅହିଂସାବାଦୀ
ଶୋକ ଉଚ୍ଛ୍ୱାସେ ନସ୍ୟକ୍ତ ବନ୍ଦେ ମାତରଂ
ପ୍ରାର୍ଥନା ଗାଏ ବାଷ୍ପ ଅକୂଳ ସ୍ୱରେ
ମର୍ମ ବେଦନା ହୃଦର ମୁକ୍ତ ଦ୍ୱାରେ ।

Digitized by srujan ka@gmail.com

ରଘୁପତି ରାଘବ ରାଜାରାମ
ପତିତପାବନ ସୀତାରାମ
ଈଶ୍ୱର ଆଲ୍ଲା ତେରେ ନାମ ।୧।

ଅସ୍ଥିର ହୃଦେ ମହାତ୍ମା ଆସେ ଧାଇଁ
"ଶାନ୍ତିର ଦୂତ" ଶାନ୍ତି କରିବା ପାଇଁ
ପୂର୍ବ ବଙ୍ଗ ପୁରପଲ୍ଲୀରେ ଭ୍ରମି
ବନ୍ଧୁ-ସେବକ ସରଗରଦୂତ କଥା ।
ଓଠାରେ ଉଠେ ପ୍ରେମ ଅମର ବାଣୀ
ଦୁର୍ଦ୍ଦିନ ଶେଷେ ଆଶ୍ୱସ୍ତ ହେଲା ପ୍ରାଣୀ
ପୁଲକ ଭରେ ରୋମାଞ୍ଚ ହେଲା ଅଙ୍ଗ
ଲଭିଲା ମୋଦେ ମହତ ସାଧୁ ସଙ୍ଗ
ପ୍ରାର୍ଥନା ଗାଏ ବାଷ୍ପ ଅକୁଳ ସ୍ୱରେ
ମର୍ମବେଦନା ପ୍ରଭୁର ମୁକ୍ତିଦ୍ୱାରେ
ରଘୁପତି ରାଘବ ରାଜାରାମ
ପତିତପାବନ ସୀତାରାମ
ଈଶ୍ୱର ଆଲ୍ଲା ତେରେ ନାମ ।୨।

ଅଜ୍ଞାନ ଅମା କଟି ଯାଇଛି ପାହି
ବାପୁଙ୍କ ପାଶେ ମିଳିଲେ ଭାଇ ଭାଇ
ବୈରାଗ୍ୟ ତ୍ୟାଗ ଶାନ୍ତି ସଂଯମ ମୂର୍ତ୍ତି
ଭାଙ୍ଗିଲା ଖରେ ମୋହ ଜଡତା ସ୍ଫୂର୍ତ୍ତି
ହିଂସା ଭାବର ଅଚିନ୍ତ୍ୟ ପ୍ରତିକ୍ରିୟା
ଶୋଧନା ଦଗ୍ଧ ପାପ-ପାଷାଣ ହିଆ
କ୍ଲାନ୍ତ ନରକୁ ମୁକ୍ତ କରିବା ଅଟଣ
ଛିନ୍ନ କରିଲେ ସଂକୀର୍ଣ୍ଣ ଭେଦ ପାଶେ

Digitized by srujan ka@gmail.com

ହୃଦୟର ଧର୍ମ ଶୁଭର ଶଙ୍ଖ ଧ୍ୱନି
ପ୍ରାର୍ଥନା ଗୀତ ଗାଇଲେ ମହାମୁନି
ରଘୁପତି ରାଘବ ରାଜାରାମ
ପତିତପାବନ ସୀତାରାମ
ଈଶ୍ୱର ଅଲ୍ଲା ତେରେ ନାମ ।୩।

—○—

ଖୁଦାଇ ଖିଦ୍‌ମତ୍‌ଗାର

ଉତ୍ତର ପଶ୍ଚିମ ସୀମାନ୍ତ ପଠାଣେ
ଉଇଁଛି ତପନ ପୁଣ୍ୟ ପ୍ରଭାତ କାଳେ
ହିଂସା ଛାଡ଼ିଛି ଦୁର୍ଦ୍ଦାନ୍ତ ପଠାଣ ଜାତି
ସ୍ୱାଧୀନତା ରଣେ ଛାତି ଦେଇଛି ପାତି
ଫିଙ୍ଗି ଦେଇ ତାରେ ବନ୍ଧୁକ ହିଂସାଯନ୍ତ୍ର
ଦୀକ୍ଷା ନେଇଛି ମହାତ୍ମା ମୋହନ ମନ୍ତ୍ର
ଦୁର୍ଗମ ଗିରିସଂକୁଳ ପ୍ରଦେଶ ବାସୀ
ଦୁର୍ଗମ ପଥେ ପଥିକ ହୋଇଛି ଆସି
ସାଥେ ସେନାଦଳ
ହୃଦେ ଅସୀମ ବଳ
ହୃଦୟ ହଡ଼ିଅର   ଖୁଦାଇ ଖିଦ୍‌ମତ୍‌ଗାର ।୪।

ସୀମାନ୍ତ ଗାନ୍ଧୀର ଶିକ୍ଷାର ପୂତରାଗେ
ଜାଗନ୍ତୁ କଶାଣ ସ୍ୱଦେଶ ଲୁଟରେ ଶୋକେ
ସାଜିଲେ ସୈନିକେ ବାଜିଲା ବାଉନାଜା
ଅର୍ପିଲେ ଗଫୁର ମୁକ୍ତିଶ୍ରୋନ ଧ୍ୱଜା
ଅବନତ ଶିରେ ବାନ୍ଧିଲେ ଜାତି ଧ୍ୱଜା
ଗାଇଲେ ଜନତା ସଙ୍ଗୀତ 'ମନ୍ତ୍ର ପୂଜା'

Digitized by srujan ka@gmail.com

ଲୋହିତ ପୋଷାକେ ସଜ୍ଜିତ ବୀରଗଣ
ଛୁଇଁଲେ ଚୋଗନ୍ ନେଲେ ମରଣ ପଣ
ଥାଇଲ ଅବାଧ ଭୟେ
ଚକିତ ସ୍ତମ୍ଭିତ ରହେ
ସାହସ ଦୁର୍ନିବାର
ଖୁଦାଇ ଖିଦ୍‌ମତ୍‌ଗାର ।୨।

ସୀମାନ୍ତେ ଗୃଲ୍ଲ ପୃଷ୍ଠେ ଦମନ ନୀତି
ବନ୍ଧୁକ ସଙ୍ଗୀନ ବୋମାର ସଙ୍ଗୀତ
ବହୁଲ ଉଜାଣି ରକ୍ତ ଜାହ୍ନବୀ ସ୍ରୋତ
ପଠାଣ ନିର୍ଦ୍ଧୃହରେ ମରଣେ ଉପସ୍ଥିତ
ନିର୍ମମ ଦୁର୍ଜ୍ଜୟ ହାସେ,
ଶଙ୍କିତ ଇଂରାଜ ତ୍ରାସେ
ହସିଅର ହସିଅର
ଖୁଦାଇ ଖିଦ୍‌ମତ୍‌ଗାର ।୩।

ଅହିଂସା ସମର ସୁଯୋଗ୍ୟ ସେନାନୀ
ଅବ୍ଦୁଲ ଗଫୁର ପଠାଣ ମହାରଥୀ
ସଂକଳ୍ପ ନେଲେ ସେ ଲଂଘିବେ ହିମାଚଳ
ସମତଳ କରି ବନ୍ଧୁର ଧରାତଳ
ସୌମ୍ୟ ସାମ୍ୟ ମନ୍ତ୍ରେ ରଚିବେ ନବ ସୃଷ୍ଟି
ହିଂସା ମରୁଭୂମେ ଆଣିବେ ପ୍ରେମ ବୃଷ୍ଟି
ସମସ୍ତ ଦୁନ୍ଦୁଭି ବାଜେ
ଦୁର୍ଭେଦ୍ୟ ସୀମାନ୍ତ ରାଜ୍ୟେ
ବିପ୍ଳବୀ ଦୁନିଆର
ଖୁଦାଇ ଖିଦ୍ ମତଗାର

—o—

Digitized by srujan ka@gmail.com

ସ୍ୱାଧୀନତା ସଙ୍ଗୀତ ଅଗଷ୍ଟ ୧୫; ୧୯୪୭

ଗାଅରେ ଗାଅରେ   ମୁକ୍ତଭାରତ   ସ୍ୱାଧୀନତା ଗୀତ ଅଜି
ହୃଦୟ ଛନ୍ଦେ   ଏକତା ମନ୍ତ୍ରେ   ଭାରତଜନନୀ ମୁକ୍ତ ।
ବିଶ୍ୱରଞ୍ଜନ   ନିରଞ୍ଜନ ସାଧୁ   ଅହିଂସାର ଅବତାର
ଦୀନ ହୀନ ଦୈନ୍ୟ   ଗଞ୍ଜନ ତ୍ୟାଗୀ   ନିର୍ଗୁଣ ନିର୍ବିକାର
ରକ୍ତ ଦେଇ ସେ   ଆଣିଛି ଜୀବନ   ସୁପ୍ତ ଭାରତ ଲାଗି
ଝଦାଢ଼ବସନ   କୌପୀନ ଧାରୀ   ଅଜନ୍ମ ବଇରାଗୀ ।୧।
ଜାଗି ଉଠିଲା   ମହୀମଣ୍ଡଳ   ମହାତ୍ମା ମୋହନ ନାମେ
ଜୟ ବୈଜୟନ୍ତୀ   ଉଡ଼ିଲା ବିଦେଶେ   ଭାରତର ଯଶୋଗାନେ
ଦାସତ୍ୱର ଘୋର   ଅମା ଅନ୍ଧକାରେ ଅଲୋକ ଦେଲାସେ ଜାଳି
ଅତ୍ୟାଚାର   ଦୁର୍ନୀତି ଦଳନେ ସର୍ବସ୍ୱ ଦେଲା ଢାଳି ।୨।
ଉଡାଇ ଜାତୀୟ   ନିଶାଣ ଗରବେ   ଉଠାଅ ବିଜୟ ଧ୍ୱନି
ଅହିଂସା କୃପାଣେ   ଛଡ଼ାଇ ଆଣିଛୁ   ମୁକତିର ସୁରଧୁନି
ନବଭାରତେ ନବବଳେ ବଳୀୟାନ
ଜାଗରେ ଭାରତବାସୀ
ଚମ୍କିତ ସାରା   ଜଗତ ଅଜି   ଚମ୍କିତ ବିଶ୍ୱବାସୀ ।୩।

Digitized by srujan ka@gmail.com

ଚର୍ଚ୍ଚିଲ

କୂଟ ରାଜନୀତିଦକ୍ଷ ଜ୍ଞାତଦଳପତି
ଚର୍ଚ୍ଚିଲ ସାହେବ ଢେଜନ ଏ ଧ୍ୟାନ ପ୍ରଣତି ।
ବ୍ରିଟିଶ ସାମ୍ରାଜ୍ୟ ମନ୍ତ୍ରୀଗଣ ଶିରୋମଣି
ଦେଖାଇଲ ଦାମ୍ଭିକର ଅଦ୍ଭୁତ କରଣୀ
ଭାରତ ବାଯବାଦୀ ତବ ଜର ପ୍ରଭା
ବାଗ୍ମୀବର ! ଥବଜଠେ ପାର୍ଲିମେଣ୍ଟ ସଭା
ଅଭିଭାଷଣ ପ୍ରଚଣ୍ଡ ବିଶ୍ୱାସପ୍ରଦ
ଅବୋଧ ବସ୍ତିବ ଇଚ୍ଛ ସାମ୍ରାଜ୍ୟ ସମ୍ପଦ
ସୂକ୍ଷ୍ମିରେ ଗୃହ୍ଣି ଏବେ ଏ ଭାରତ ପ୍ରତି
ଚର୍ଚ୍ଚିଲସାହେବ ଢେଜନ ନେଇଛି ପ୍ରଣତି ।୧।

ବଡ଼ କଡ଼ା କଡ଼ା କଥା କେବେ ମିଠାକଡ଼ା
ଭାରତକୁ ଲାଗେ ଯେତେ ବେଢ଼ୀରେ କୋରଡ଼ା
ଶୁଣାଇଲ ନାହିଁ ଦିନେ ମଧୁର ବଚନ
ଲୁଚ୍ଛା ଅଗ୍ନିବର୍ଷୀ ଛକ୍ତ ଲୁଷ ସମ୍ଭାଷଣ
ଶତ ଶତ ବର୍ଷ ବ୍ୟାପୀ ଶାସନେ ଭାରତ
ସ୍ୱାଧୀନତା ଭୋଗ ପାଇଁ ନୁହେଁ ଉପଯୁକ୍ତ ।
ଶାସିତ ନା ଶାସକର ହେଲା ପୂର୍ଣ୍ଣଦୋଷ ?
ଟୀର ନନ୍ଦନୀସ୍ତୁ ତବ ଭାରତ ବିଦ୍ୱେଷ
ଭାରତ ରେଷା ଅଜନ ସବଗଲ୍ଲ ଜାଗ୍ରି
ଚର୍ଚ୍ଚିଲ ସାହେବ ଯେବେ ନେଇଛ ଶୁଦ୍ଧାଶ୍ରି ।୨।

ଭଂଗ୍ରେଜ ଦଳନ ଧ୍ୱଜା ଉଡ଼ାଇ ଉଡ଼ାଇ
ଅଟ୍ଟାଗୃହରେ ଅନାଗୃହରେ ସଢ଼ାଇ ସଢ଼ାଇ

Digitized by srujan ka@gmail.com

ଦେଖାଇ ସାରା ଜଗତେ ବ୍ରିଟିଶ ବଡ଼ାଇ
ନେତା କର୍ମୀଗଣେ ବନ୍ଦୀଭବନେ ଭଡ଼ାଇ
ଛ ଯଶ ପାଇଲ ମନ୍ତ୍ରୀ ବେଭେନ ଗୁଲବାଜ
ହଲାହଲ ବରଷିଲ ରୁଦ୍ରରୂପ ସାଜି
ଧନ୍ୟତବ ଅଦଭୁତ ସମ୍ରାଜ୍ୟବାଦ
କିଣିନେଲ ଛାଡ଼ି ପାଇଁ ନିନ୍ଦା ଅପବାଦ
ଇତିହାସ ଘୋଷୁଥିବ ତବ ପ୍ରଜାପ୍ରୀତି
ଚଳିଲ୍ ସାହେବ ଯେନ ନେଇବ୍ ପ୍ରଣତି ।୩।

ସବୁ କ୍ଷଣକରଣୀ ଆଜ ନାହିଁ ବେଳ
ଦେଖିବାକୁ ନୂଆ ନୂଆ ମରଣର ଖେଳ
ଶିରନ୍ତୁ ହିନ୍ଦୁସ୍ଥାନ ଶ୍ୱେତାଙ୍କ ଶାସନୁ
ଅତୀତର ଅତ୍ୟାଚାର ଲିଭିନାହିଁ ମନୁ
ଲେଖିତ ଗଳ୍ପକଥା—ବୃଥା କେ ପାରିଲ
ଦଳେ ଦଳେ ଯୁବେ କେଉଁ ଦୋଷେ ମନ୍ତ୍ରୀବର
ଶ୍ୱାନପୁତ୍ର ନୁହିଁ ପିଆ ଶତ ବନ୍ଦେରେ
ସୁଭାଷ କି କେବେ ତେଜେ ବୀର ଖଲନରେ
ଝଙ୍କାର ଶତ୍ରୁଯୌବନ ପଳନନ୍ଦ ନ ଜାଗୃତ
ଚଳିଲ ସାହେବ ଦେବ ଜୟତେ ଜୟତେ ।୪।

Digitized by srujan ka@gmail.com

୮ ବାଞ୍ଛାନିଧି

କହିଲେ କଂଗ୍ରେସ ବାର୍ତ୍ତା ପ୍ରଚୁର ପ୍ରାରମ୍ଭ
ହେ ଜାତୀୟ କବି ଦେଲ ପୂର୍ଣ୍ଣ ସହଯୋଗ
ଅନୁସରି ଗୋପବନ୍ଧୁ ମହାତ୍ମାଙ୍କ ବାଣୀ
ତେଜିଲ ଅସାର ଭବ ବ୍ୟସନ ସମ୍ଭୋଗ
ଲେଖିଲ ଜାତୀୟ ଗୀତ ମନ ମତାଣିଆ
ଦାସତ୍ୱ କ୍ଲିଷ୍ଟ ଚିତ୍ତ ପ୍ରାଣେ ଅଣେ ସଞ୍ଜୀବନ
ଜାଗିଲେ ସ୍ୱଦେଶବାସୀ ମୋହ ନିଦ୍ରା ତେଜି
ପ୍ରାଚୀ ନଭ ହସି ଉଠେ, ଉଇଁଲେ ତପନ
ସୁଗାୟକ ଥିଲ କବି ଲଳିତ ମଧୁର
ତାନେ ଗାଇ ମୁଗ୍ଧ କଲ ଦେଶବାସୀମନ
ଦେଶ ଦଶ ହିତେ ଦେଇଗଲ ପ୍ରାଣବଳି
ବାଧି ନାହିଁ କ୍ଷଣେ ନିଜ ଦାରିଦ୍ର୍ୟ କଷଣ
ସ୍ୱାଧୀନ ଭାରତ ଗୀତ ଲେଖିଥାନ୍ତ ଅଛ
ଯାଇଅଛ ଭବପାରେ ଅଚାନେ ମଉଛ
ଜାତୀୟ ସଙ୍ଗୀତ ରହିଥିବ ଚିରଦିନ
ଧନ୍ୟ ସ୍ୱାର୍ଥ ତ୍ୟାଗ ତବ, ଧନ୍ୟ ଆତ୍ମବଳି ।

Digitized by srujan ka@gmail.com

୬ ସୁବୋଧ

ସରଳ ସୁବୋଧ
ଅଟେ ଭଦ୍ର ଜଣେ
ବାଳେଶ୍ୱର ନନ୍ଦ
ସଦା ଧୀର ସ୍ଥିର
ହୃଦପଟେ ମମ
ସୁବୋଧ କି ସତେ

ନମ୍ର ବ୍ରତ ଅଗ୍ରଣୀ
ତେଜ ସରଳାଣି
ସ୍ୱଗତ ମଧୁର
ନିର୍ଦ୍ଦେଶ ଆଦେଶ
ଦିବ୍ୟ ରୂପ ନାଚେ
ଆସିବ ମରତେ

ସ୍ୱାଗତ ସୁବୋଧଚନ୍ଦ୍ର
ଉଜ୍ଜ୍ୱଳ ମୁଖଚନ୍ଦ୍ର,
ଥିଲା ତବ ସଜଧାମ
ସର୍ବେ ନେଉଥିଲେ ମାନ
କ୍ଷଣେ କ୍ଷଣେ ହୁଏ ସ୍ଫୁର
ବୃଥା ସିନା ମୋର ଦୁଃଖ ।

—o—

୭ ବିଶ୍ୱନାଥ

ଧର୍ମ ଉନ୍ମାଦନାମୟ ହୃଦୟ ସନ୍ତତ
ଅଚଳିଲ ପ୍ରେମାବେଶେ ଦେଶ ହିତ ବ୍ରତ
ସତ୍‌କର୍ମୀ ବିଶ୍ୱନାଥ ବ୍ରାହ୍ମଣ ସନ୍ତାନ
ବନ୍ଧୁ ଭିତେ ବନ୍ଧୁ ହେଲେ ତବ ଯୋଗ୍ୟ ସ୍ଥାନ
ଅଦ୍ଭୁତ ପ୍ରେରଣା ତବ ବିପୁଳ ଉତ୍ସାହ
ନିର୍ଭୀକ ସର୍ବସ୍ୱତ୍ୟାଗୀ କର୍ମୀ ପ୍ରଶଂସାର୍ହ
ମେଲିଣି ଅକାଳେ ମେଲି ଦିବ୍ୟ ପରପାରେ
ନୟନେ ନାଚେ ତୋ ମୂର୍ତ୍ତି—ଏ ଅନ୍ତର ବାରେ ।

—o—

Digitized by srujan ka@gmail.com

୬ ଭଗବତୀ

ତରୁଣ ତାପସ ଜ୍ଞାନ ଧ୍ୟାନ ଜନ ବନ୍ଧୁ
ଦେଶ ଲାଗି ଉତ୍ସର୍ଗିଲ ପ୍ରିୟ ରକ୍ତବିନ୍ଦୁ
ଅଶ୍ରୁ ପୁଷ୍ପ ଜଳାଞ୍ଜଳି ଦେଲ ଦେଶ ହିତେ
ଦେଶପ୍ରେମୀ ଭଗବତୀ ନମସ୍ତେ ନମସ୍ତେ । ୧ ।

ଶୁଣାଇଛ ଅନୁରୋଧେ ରୁଷିଆ ବିପ୍ଳବ
ଅତ୍ୟାଚାରୀ ଜାର, ରାସ୍ପୁଟିନ ପ୍ରଭାବ
କାର୍ଲ ମାର୍କସ ଟ୍ରଟସ୍କିର ଜୀବନ କାହାଣୀ
ଲେନିନ୍ ଷ୍ଟାଲିନ ଖ୍ୟାତ ସାମ୍ୟବାଦ ବାଣୀ
ଢାଳି ଦେଲ ପ୍ରାଣ ତେବେ ସତ୍ୟ ଧର୍ମ ପଥେ
ବିପ୍ଳବର ଭଗବତୀ ନମସ୍ତେ ନମସ୍ତେ । ୨ ।

ଯାହା ଅବା ତେଜଙ୍କ ତବ ସାମ୍ୟ ମୀଢବାଦ
ଦେଶ ପ୍ରେମୀ ସ୍ୱଦେ ପାଉଥିଲ ଧନ୍ୟବାଦ
ଫଣି ଫୁତ୍କସମ ଗର୍ଜି ଉତ୍କଳ ଅକାଶେ
କ୍ଷଣକରେ ଗଲ ଚଳି ନିଜ ସ୍ୱର୍ଗବାସେ
ଅକାଳେ ଲିଭିଲ ଦୀପ ନିଷ୍ଠୁର ଝଞ୍ଜାବାତେ
ସ୍ୱାର୍ଥ ତ୍ୟାଗୀ ଭଗବତୀ ନମସ୍ତେ ନମସ୍ତେ । ୩ ।

ଦାଉ ଦାଉ ତେଜ ତବ ସ୍ମନାର ପାଢଅ
ସତ୍ୟ ଧର୍ମ ତ୍ୟାଗ ପାଶେ କେ ହୋଇବ ଠିଆ
ଝୁରୁଛନ୍ତି ଯାଜପୁର ବନ୍ୟାଞ୍ଚଳ ଲୋକେ
କମ୍ୟୁନିଷ୍ଟ ପାର୍ଟି ତବ ମୃତ୍ୟୁରେ ଅଛନ୍ତି ଶୋକେ
ଉତ୍କଳକୁ ଅଉ ବାରେ ଫେରିବ କି ସତେ
କର୍ମବୀର ଭଗବତୀ ନମସ୍ତେ ନମସ୍ତେ । ୪ ।

—○—

Digitized by srujan ka@gmail.com

ଭୋଟ ଗୁହାରୀ

ଧୋବ୍ଲା ଅଞ୍ଚଳବାସୀ ମୋ ଭାଇ ଭଉଣୀ
ଧାଇଁ ଆସିଅଛୁ ଦୁଃଖ ଦୈନ୍ୟ ଗୀତ ଶୁଣି
ଜରତ ବିବ୍ରତ କରେ ଘୋର ବନ୍ୟା ଦଳ
ହାମବଡ଼ା ଜମିଦାର ମହାଜନ ସାହୁ
ନର ରକ୍ତ ଶୋଷି ହେବେ ବଢାନ୍ତି ବ୍ୟସନ
ଦରିଦ୍ର ଅଛୁ ଭୋଗି ଦାରୁଣ କଷଣ
ବନ୍ୟା ଦୁଃଖେ ଭାଙ୍ଗିଲଣି ଏ ଦେଶର ଅସ୍ଥା
ସ୍ୱତନ୍ତ୍ରକୁ ଶଙ୍ଖେ ଟଣା କି ଶୃଙ୍ଖଳ ବନ୍ଧା
ଜାଣ ସର୍ବେ ମୋ ଅନ୍ତର କାନ୍ଦେ ତୁମ୍ଭ ପାଇଁ
କହିବାକୁ ନିବେଦନ ଆସିଅଛୁ ଧାଇଁ
ଆସିଲାଣି ସରକାରେ ଭୋଟ ଦେବା ଦିନ
ଭୋଟ ଦିଅ ମେମ୍ବର ହେବେ ନବୀନେ
ସେହୁ ପଦପ୍ରାର୍ଥୀ ସ୍ୱୟଂ ଦେଇଛୁ ଦର୍ଖାସ୍ତ
ପୁରାତନ ନେତାଗଣେ କର ହେ ବର୍ଖାସ୍ତ
ଭୋଟ ପାଇ ଅନ୍ତର୍ଦ୍ଧାନ ନ ମିଳନ୍ତି ଦେଖା
ଧୋବ୍ଲା ବନ୍ୟାରେ ଦିନେ ନ ଲେଖିଲେ ଲେଖା
ଭାଇମାନେ ଦେଖି ଦିଅ ମୋର ଚରିତ
ଦନ କାଟେର ବନ୍ଧ ବାଡ଼, ହେବ ମରାମତି
ଗ୍ରାମେ ଗ୍ରାମେ ରାସ୍ତାଘାଟ କୂପ ପୁଷ୍କରିଣୀ
ବିଦ୍ୟାଳୟ ଛାତ୍ରାବାସ ସମବାୟ ମଣି
ଆନନ୍ଦେ ଚଳିବ ଭାଇ ଦୃଢ଼ ଏ ବଚନ
ଭୋଟ ଦେଇ ଦେଖି ଦିଅ ମୋର ନିବେଦନ ।
ହଳଦିଆ ବାକସକୁ ରଖିଥିବ ମନେ
କଦାପି ଭୁଲିବ ନାହିଁ ଅନ୍ୟ ପ୍ରଲୋଭନେ ।

Digitized by srujan ka@gmail.com

ଯୋଗାଇବେ ଯାନ ବସ୍ତ୍ର ଖର୍ଚ୍ଚ ପୋଡ଼ାପାଣି
ସେବି ଭାଗବତ ଗାଦୀ ଗ୍ରାମ ଠାକୁରାଣୀ
କରିବେ ସ୍ଥାପନ କାମ ଦେଇ ମେଳା ଭୋଗ
ଅବଶେଷେ ପାଲଟିବେ ଜନ୍ତୁ—ନର ଭୋଗ
ସାବଧାନ ଚାଲ୍ ଯେବେଁ ନ ପଡ଼ିବ ପାଟଲି
ଭୁଲିଲ ଶୋଷିବେ ରକ୍ତ କୃଷ୍ଣମାସ୍ୟା ଜାଲେ
ଦଳଦର୍ପ ବାଦସବୁ ନ ଭୁଲିବ ଭାଇ
ଇଷ୍ଟଦେବ ଦେବୀ ଗଣ ଶାଳଚଫ ସ୍ୱାହା ।

—○—

ଏ ଦେଶେ

ଏ ଦେଶେ କବ୍ଭିଟଳ ଯୋଷା ଶିରେଭୂଷା
ସତୀ ପତିବ୍ରତାକୁଳ
ଦଶଦଶ ଭସ୍ମ ସ୍ୱର୍ଗୀୟ ସୌରଭେ
ଅଦ୍ୟାପି କରେ ଅକୁଳ । ୧ ।

(ଯା) ଶ୍ରୀକର ପରଶେ ପ୍ରାସାଦ କୁଟୀରେ
ଅସନ୍ତି ମା ଦଶଭୁଜା
କୃଷି ଉଠ ଧର ଷୋଡ଼ଶୋପଚୃରେ
ଗୃହେ ଗୃହେ ମାତୃପୂଜା ।

ବନ୍ଦେ ପ୍ରଭଞ୍ଜନ ସୁପ୍ତ ଜଗଜ୍ଜନ
ଗଭୀର ତାମସ ସ୍ୱପ୍ନୀ
ଅଶ୍ୱପଥ କନ୍ୟା ଶପଥ କରନ୍ତୁ
ହେବ ସତ୍ୟ ସ୍ୱପ୍ନଯାକୀ ।

Digitized by srujan ka@gmail.com

କଣ୍ଟକିତ ପଥେ ଗୃଲକ୍ଷ ସରଳା
ଚର୍ମକ୍ଷତ ଧର୍ମରାଜ
ଚମକତ ଛାତ୍ର ତାସ ଜଣେ ଦେଖି
ଅର୍ଘ୍ୟ ସାମନ୍ତଙ୍କ କାର୍ଯ୍ୟ ।

"କି ବର ମାଗୁଛ" ସ୍ୱତେ ଧର୍ମରାଜ
ଉତ୍ତରେ ସତ୍ୟ ଜୀବନ
ମୃତ୍ୟୁ ସଞ୍ଜୀବନ ଉଚ୍ଚାରିଲେ ଯମ
ଚିହ୍ନିଲ ସତ୍ୟବ୍ରତ ।

ପୁଣ୍ୟଶ୍ଳୋକ ନଳ ସ୍ୱଜନ ଭ୍ରମନ୍ତି
ଦୁର୍ଗମ ଗହନବନେ
ରାଜକନ୍ୟା ଦମୟନ୍ତୀ ଛଳବାସେ
ଖୋଜନ୍ତି ହୃଦଗନ୍ଧନେ । ୬ ।

ପଞ୍ଚକନ୍ୟା ଯାର ଅଟଳ ଅଚଳ
ଦୁର୍ଭେଦ୍ୟ ହିମାଦ୍ରୀସମ
ସୁରଲୋକୁ ଦେବେ 'ପୁଷ୍ପ ବରଷିଲେ
ଦେଖିଲେ ନ୍ୟାୟ ମାର୍ଗେ ଧନ୍ୟ । ୭ ।
ଏ ଦେଶର ପତ୍ନୀ- ବାଳା ସୀତା ମୋର

କଲା ଚଉଦ ବନବାସ
ପତି ପାଶେ ଥିବ ଶ୍ରୀପଦ ସେବିବ
ଏକାନ୍ତ ହୃଦାଭିଳାଷ । ୮ ।
ପତି ଛୋଟ ଲାଗି ନିଜୁଦରେ ସତୀ
ଦେଲ ଅନଳ ପରୀକ୍ଷା
ଦେବୀ ତେଜେକ ଶାସ୍ତ୍ର ସତୀ ଅଙ୍ଗ, ଛୁଇଁ
ନ ହୁଇଁଲ ଅଗ୍ନି ଶିଖା । ୯ ।

Digitized by srujan ka@gmail.com

କୋଟିଏ ପ୍ରଣାମ ଜୀଅ ପତିବ୍ରତେ
ଦେବପୂଜ୍ୟ ଶ୍ରୀପଦ୍ମରେ
ସୀତା ରାମ ନାମ. ଭବ ପାପ ତାପ
କଳୁଷ କାଳିମା ହରେ । ୧୦ ।

ଗମ୍ଭୀର ନିଶୀଥ ଘୋରନ୍ଧ ନିସ୍ତବ୍ଧ
ନିଦ୍ରିତ କପିଳପୁରୀ
ରାଜପୁରବାସୀ ସରବେ ନିଦ୍ରିତ
ନିଦ୍ରିତା ଗୋପାସୁନ୍ଦରୀ

ଛାଡ଼ି ରାଜସୁତ ଗୌତମ ସନ୍ନ୍ୟାସେ
ଚଳେ ଅମୃତ ସନ୍ଧାନେ
ଘୋଟକ କଣ୍ଟକ ଛନ୍ଦକ ଫେରିଲେ
ଶୋକଅବସନ୍ନ ପ୍ରାଣେ
ପ୍ରଭାତରୁ ଜଣା ବିରହ ବବସ୍ଥା
ଗୋପା ମନେ ଅଣେ ତୋଷ

ପ୍ରାଣ ଉଡି ଯାଉ ଛନ୍ଦ କୋଟି ହୁଡେ
ତା'ହେବେ ନିଖିଳ ବାଞ୍ଛ

ଦିବା ଅନ୍ତେ ରାତି ମାସ ଅନ୍ତେ ମାସ
ବର୍ଷ ଗଲା କେତେ କତ
ସଂଯମ ଆଚରି ରହେ ଯଶୋଧାରା
ସ୍ୱାମୀ ଶ୍ରୀଚରଣ ଚିନ୍ତି ।

ଏ ଦେଶେ ଧାତୋଃର- ବାଳା ଶିରୋମଣି
ଉଦ୍ଭିଷ୍ଣ କରିଲା ପଣ
ଯବନେ ନ ଦେବ ସତୀ ଅଙ୍ଗ ସ୍ପର୍ଶ
ଯାଉ ଅବା ରହୁ ପ୍ରାଣ

Digitized by srujan ka@gmail.com

ବାର ବାର ଅବ — ରଣ ଦେଖି ବାଙ୍କେ
ଚିତୋର ସମସ୍ତଙ୍କନେ
ପରାଜିତ ଦିଲ୍ଲୀଶ୍ୱର— ଅପମାନ
ଫେରନ୍ତି ନିର୍ବଣ ମନେ ।

ନ ଛୁଟେ ଲାଳସା ଘୋଷି ସଦା ଆଶା
କରେ ସେପେ ଆକ୍ରମଣ
ବୃଥା ଅସ୍ତ୍ରୋତ୍ତୋଳନ ରକ୍ତ ମନ୍ଦାକିନୀ
ପୁର ଦାସ ଦାସୀଗଣ ।

ପଦ୍ମିନୀ ପଶିଲେ ଚିତାରେ ନ ଦେବେ
ନ ଦେବେ ସତୀତ୍ୱଧନ
ରାଜପୁତ ବାଳା ଶିରୋମଣି ସତୀ
ଜୀବନ ମରଣ ପଣ ।

କମ୍ପିତ ସୌଧରେ ସଦ୍‌ଗୁଣ ଆକର
ପୁର ଅଙ୍ଗନା କମ୍ପିତ
ସହସ୍ର ବାସର ଦାରୁଣ ଲକ୍ଷଣ
ସ୍ୱାମୀ ପଦ ଅନୁସର

ପଢେର ଅଟବୀରେ ପାର୍ଥିବ ବଇଭବେ
ଦେଇ ଶତ ପଦାଘାତ
ସ୍ମିତ ବଦନ ମନ୍ଦ ମୁଗ୍ଧ ସାଥ
ନଶ୍ୱ ତଳେ ପ୍ରଣିପାତ ।

ଗୁର୍ଜର ପକ୍ଷୀର ସରଳା ବାଳିକା
ଜୟ ସ୍ୱର୍ଗୀୟ ସ୍ୱର୍ଣ୍ଣମଣି
କଣ୍ଟକିତ ଦେହ ଭୂମିଷ୍ଠ ସନ୍ତତ
ଯୋଷାକୁଳ ଶିରୋମଣି

Digitized by srujan ka@gmail.com

ଯେନ ସନ୍ଥଜନ ହୃଦୟୁଁ ପ୍ରଣତ
ଭକ୍ତିଲ ସବୁରେଗ ଯାଇ
ଭବ ପାପତାପ . ଯିବ ଅପସରି
ତବ ପୁଣ୍ୟ ଗାଥା ଗାଇ ।

ଯା ଚରଣେ ମଣ୍ଡି ହୁଏ ସୁରଲୋକ
ଅସନ୍ତ କମଳାପୁଟର
ସୁଖେ ଦୁଃଖେ ଯା'ର ପୁଣ୍ୟମୟ ନାମ
ଭବଦୁଃଖ ଦୈନ୍ୟହରେ

ଯା ମହିମାଗାଥା ଗାଇ ନ ପାରନ୍ତି
ବାଲ୍ମିକି ବ୍ୟାସଦାସ
ସଦା ପଦବ୍ରତେ ଏ ଲେଖିକ ସେବ
ଅଧମ ଦାସାନୁଦାସ ।

---

† ଭକ୍ତସ୍ୱବାଣ ଗାନ୍ଧୀ

ନେତାଜୀଙ୍କ ସମରାହ୍ୱାନ

ଭାରତର ଦେବବ୍ରତ ତାଂଗଜାର
ନମସ୍ତେ ନେତାଜୀ ସୁଭାଷଚନ୍ଦ୍ର
ସମର ଅହ୍ୱାନ ଦଏ ପ୍ରାଣୀ ବେଗେ
"ଦିଲ୍ଲୀ" ଜଳଦ ଗମ୍ଭୀର ମନ୍ତ୍ର ।

ଦୁର୍ଦ୍ଦାନ୍ତ ଜାପାନ ହସ୍ତେ ସମର୍ପି
ସ୍ୱଦେଶୀୟ ସେନା ବାହିନୀ ଦଳ
ବ୍ରିଟିଶ ସମର ଦୁର୍ଜ୍ଜବଦର
[illegible] କଲେ ସମୂଳ ।

"ସ୍ୱାଧୀନ ଏଠିକି ସଂଘର୍ଷର
ଛଡ଼ାଇ ସହସ୍ତ୍ର ବେଗେ ବର୍ଲିନ ପୁରର
ସୁବିଧା ସୁଯୋଗ ଲଭେ ଟେକବେ ବୀର
ଫଣ୍ଡ ତାଡ଼ନେ ଅଶିଷ ଖରେ ।

ଡିକ୍ଟେଟର ହିଟଲର ଦେଲେ ମୋଦେ
"ଭାରତ କେଶରୀ" ପଦବୀ ତାରେ
ଶୌର୍ଯ୍ୟ ବୀର୍ଯ୍ୟର କୁନ୍ତଳ ମୁକୁଟ
ଶକ୍ତି ତାଙ୍କ କିଏ ନିରୋଧି ପାରେ ?

+ ବ୍ରିଟିଶ Col. Hunt ସିଙ୍ଗାପୁର Ferror park ସଭାରେ ପ୍ରାୟ ୪୫୦୦୦ ଭାରତୀୟ ସୈନ୍ୟଙ୍କୁ ଜାପାନର Col. Fujiwaraଙ୍କ ହସ୍ତରେ ସମର୍ପଣ କରି ପଳାଇ ଆସିଲେ 17 February 1941.

Digitized by srujan ka@gmail.com

ଲକ୍ଷ ଲକ୍ଷ ଦେଶବାସୀ ସମାଗତ
ଆନନ୍ଦ ଉଲ୍ଲାସେ ନେତାଙ୍କ ପାଶେ
ସ୍ୱାଧୀନ ରାଜ୍ୟର କର୍ଣ୍ଣଧାର ଯୋଗ୍ୟ
ନେତାଙ୍କ ଭାଷଣ ଶୁଣିବା ଆଶେ ।

ଜୟହିନ୍ଦ୍ ଜୟ ରବେ ମୁଖରିତ
ଆକାଶ ଅବନୀ ସିଙ୍ଗାପୁରର
ଯୁଗ ଯୁଗ ବ୍ୟାପୀ ଦାସତ୍ୱ-ରଜନୀ
ପାହିଛି, ଉଲ୍ଲସେ ଜନ ଅନ୍ତର ।
ସେବାରଣ୍ୟ ଭେଦି ସଭା ମଧ୍ୟେ ନେତା
ପ୍ରଣମିଲେ ପ୍ରୀତିପୂର୍ଣ୍ଣ ହୃଦୟେ
ବିପୁଳ ଜନତା ଦେଲେ କରତାଳି
ଲଙ୍ଘିଲା କି କୂଳ ସାଗର ହୃଦୟେ ।

ଉଠ ଉଠ ପ୍ରିୟ ଦେଶବାସୀ ଗଣ
ଅସ୍ତ୍ର ଶସ୍ତ୍ରେ ସାଜ ପଣ ସମରେ
ଶରୀର ପତନ ଶତ୍ରୁ ନିପାତ
ଶପଥ ନିଅ ହେ ମୋ ସମକ୍ଷରେ

ହିନ୍ଦୁ ମୁସ୍ଲିମ ବର୍ମୀ ଶିଖ ମିଳି
ଦେଇ ଆତ୍ମବଳୀ ସାଧିବା ହିତ
ବୀର ଜାତି ଆମେ ବୀରର ସନ୍ତାନ
ଧମନୀରେ ବହେ ଯୋଦ୍ଧୃ ଶୋଣିତ ।
ଜାଲିଅନାବାଗ ଦୁର୍ଦ୍ଦଶା ସ୍ମର
ନର ରକ୍ତେ ଧରା ହୋଇଲା ରଞ୍ଜିତ
ସରଳା ଅବଳା ଧର୍ଷଣ ଗାଥା
ଜାଗି ସ୍ୱଧରମ ହେଲା ଲଙ୍ଘିତ

Digitized by srujan ka@gmail.com

ପାଷଣ୍ଡ ଡାୟାର ଓଡାୟାର ଘାତି
ଶୁଣି ଏ ଜଗତ ଉଠେ ଶିହରି
ନର ନାରୀ ଶିଶୁହତ୍ୟା ବହ୍ନିଶିଖା
ପୁଣ୍ୟ ପଞ୍ଚନଦ ଉଠିଛି ଜଳି ।

ଭର୍ଟିଲ ମର୍ଲିଙ୍କ ଦୁରନ୍ତ ଶାସନ
ଭାରତ ବାସୀକୁ କରିବା ଶେଷ
ଉଠ ଉଠ ବୀର ଜାଗ ବୀର ମଦେ
ଧର ଖଡ଼୍ଗ ଗୁଳା କମାଣ ତୋପ

ମରହଟ୍ଟା ବୀର ଶିବାଜୀ, ପ୍ରତାପ
ରାଜପୁତ ରଣଭୂମି ଶାର୍ଦ୍ଦୁଳ
ରକ୍ତ ଢାଳିଲ ବଡ଼କୁ ଏ ଦେଶରେ
ଦୁର୍ବଳ କହିଁରେ ନୁହଁ ଦୁର୍ବଳ ।
ଦୁର୍ଗାବତୀ ଗୁରୁ ବନ୍ଦା ଜାଗ ସବେ
ବୀର ବାଦଲର ଥିଲ ସ ବନ୍ଧୁ
ଲଣାଭଲ୍ଲ ରଣଜିତ ରକ୍ତ ଖେଳେ
ଧମନୀରେ ତୋର କ୍ଷୁଦ୍ର ନିର୍ଭୟ ।

ନାନା ତାନ୍ତିଆଙ୍କ ମହାପ୍ରାଣ
ଜାଗ ସବେ ପଣ ସମ୍ପାଦନେ
ଦିଲ୍ଲୀ ଅଭିମୁଖେ ସଇନ ଚଳିବା
ଦେଖିବ ଜେ ପଥ ଏ ଧରାତଳେ ।

ଜୟ ଯାହା ନେବା ଜୟ ସାଭରକର
ଜୟ ମୋହନ ସିଂ ଧୀଲନ ବୀର
ମାତୃଭୂମି ମୁକ୍ତି ଅଶେଷ ପ୍ରାଣ ଦେବା
ଆଜ ବଳି ଦେବେ ଏ ଭାରତ ବୀର ।

Digitized by srujan ka@gmail.com

ଅସ୍ତ ଲକ୍ଷ୍ମୀବାଈ ମହିଳା ବାହିନୀ
ଗଢ଼ି ସହଯୋଗ କର ସମରେ
ବୀର ମରେ ବାରେ ଶତ୍ରୁ କୃପାଣେ
ଭୀରୁ କା ପୁରୁଷ ନିତ୍ୟ ମରେ
ସିଂହ ଶାବକ ହୋଇ ଜନମ ଯୁଗେ
ନ ହୁଅ ନ ହୁଅ ଶୃଗାଳ ଭାଇ
ଭାରତ ରକତେ ଖେଳିଲ ପ୍ରତିହିଂସା
ସାକ୍ଷୀ ନେଉ ଏ ଦେଶ ଅସ୍ତଢ ।

ମାତୃଭୂମି ମୁକ୍ତି ସଙ୍ଗୀତ ଗାଇ
ସଞ୍ଚନ ଚଳିବା ଭାରତ ପଥେ
ସ୍ୱାଧୀନତା ବାଣୀ ସଞ୍ଜୀବନୀ ତାନ
ନବଶକ୍ତି ଖେଳାଇବା ଅଲକ୍ଷେ ।

ଘନ ଘନ କରତାଳି ଶବ୍ଦେ ଦେଇ
ବିପୁଳ ଜନତା ପ୍ରତି ଉତ୍ତର
ଭାରତ ବ୍ରହ୍ମ ମାଲୟାଧିବାସୀ
ନେଲେ ନେତାଙ୍କର ମୁକ୍ତି ମନ୍ତ୍ର ।

ପ୍ରାଣ ଯାଉ ଅବା ରକ୍ତ ରଣାଙ୍ଗନେ
କରିବୁ ସ୍ୱଦେଶ ମାତୃକା ପୂଜା
ଖୋଲିବୁ ଦାସତ୍ୱ ନିଗଡ଼ ବନ୍ଧନ
ଉଡ଼ାଇ ଭାରତ ଗୌରବ ଧ୍ୱଜା
ଜୟୋଲ୍ଲାସେ କମ୍ପି ଉଠେ ଦଶଦିଶ
ଲାଗିଲା ଆଜାଦ ସୈନ୍ୟ ବାହିନୀ
ନେଇଁଟିଲ ଭାରତ ସ୍ୱାଧୀନ ଚୈତନ୍ୟ
ଅମର ଶାଶ୍ୱତ ଦିବ୍ୟ କାହାଣୀ

Digitized by srujan ka@gmail.com

ଧନୀଙ୍କ ସ୍ତୁତି

ବିଳାସ ବିଭବ ଗର୍ବେ ଗର୍ବିତ ସମାଜ
ଦୁଃଖୀରଙ୍କୀ ଧନେ ମତ୍ତ୍ୟେ ହୁଅ ରାଜ ରାଜ
ପାଅ ନିତ କେତେ ଅଶେଷ ସହସ୍ର ଜୁହାର
ହେ ଧନୀକେ ନିଅ ମୋର ଶତ ନମସ୍କାର । ୧ ।

ଓକିଲ ଢକିଲ ମୁନସଫ କଲଇଠର
ସୌଦାଗର ଜମିଦାର ଦୋପଟି ଡାକ୍ତର
ଧରିଅଛ ବେଶେ ନାନାବିଧ ଅବତାର
ହେ ଦରିଦ୍ର ପ୍ରଭୁ ନିଅ ଶତ ନମସ୍କାର । ୨ ।

ପଢ଼ିଅଛ ନାନାଶାସ୍ତ୍ର ହେ ଜ୍ଞାନୀପ୍ରବର
ଅହମିକା ଦନସିଣ କରିଅଛ ସାର
ଯେଣୁ ବାଣୀ ବରପୁତ୍ର ସର୍ବ ଗୁଣାକର
ନିଅ ଏହି ଗଣ୍ଡ ମୂର୍ଖ ଶତ ନମସ୍କାର । ୩ ।

ଧନରତ୍ନେ ପରିପୂର୍ଣ୍ଣ ତୁମ୍ଭର ପ୍ରାସାଦ
ଦେଶ କାର୍ଯ୍ୟେ ଦାନ ଲାଗି ଅସରି ବିଷାଦ-
ଅଚଳାଚଳ ସମ୍ପଦ ପ୍ରଭୁ ଲକ୍ଷ୍ମୀପୁତ୍ର
ନିଅ ବୁଲ୍ଲ ଫକୀରର ଶତ ନମସ୍କାର । ୪ ।

ସ୍ୱାର୍ଥହାନି ବେଳେ ଧର ନିଜ ରୁଦ୍ରରୂପ
ଉଗ୍ର କୋପେ ଜଳ ଜଠ ଶଙ୍କର ସ୍ୱରୂପ
ଧନଲାଗି ଟଙ୍କା ବଳେ ମୁଖତବ ବଙ୍କା
କହିବ କୁ ପଦେ ଦୁଃଖ ମାଡ଼ି ପଡ଼େ ଶଙ୍କା ।

Digitized by srujan ka@gmail.com

ସାମାନ୍ୟ ସ୍ୱାର୍ଥ ଦେଖିଲେ ଧର ହେ ଅଧର
ମଧୁଲୁବ୍ଧୀ ଯେନ ମାନ ଶତ ନମସ୍କାର । ୫ ।

ଟେକେ ଶୈଳ ବାସ ତୋର ହୋଇଛି କୈଳାସ
ତପ ତୋର ଘୋର ଅର୍ଥ ପ୍ରାପ୍ତି ଅଭିଲାଷ
ମିଶ୍ର ରୂପେ ଖଣ୍ଡ ସ୍ୱିନା ମହନ୍ତେ ଝୁବେର
ହେ ମୈତ୍ର୍ୟ ମହନ୍ତ ଯେନ ଶତ ନମସ୍କାର । ୬ ।

ମହାଜନ ରୂପେ ବସିଅଛ ଗ୍ରାମେ ଗ୍ରାମେ
ଖାଉଛ ସର୍ବସ୍ୱ ନାଅ ଅବଶିଷ୍ଟ ମନେ
ନିଜ ମୁଖେ ଗାଇ ବୁଲ ପନ୍ଥପା ନଜାନ
ଧନୀ ସୌଦାଗର ନିଅ ଶତ ନମସ୍କାର । ୭ ।

ପୁର ଆମୋଦିତ ତବ ଗୋଲ୍ଘ ସୁଗନ୍ଧେ
ଅସ୍ଥିର ହୃଦସ୍ଥ ସଦା ଦ୍ରଭାଳ ଦୁର୍ଗନ୍ଧେ.
ପ୍ରତକେଶୀ ଦୁଃଖେ ଦିଅ ଅନନ୍ତ ଅନ୍ତର
ହେ ନରପୁଙ୍ଗବ ଯେନ ଶତ ନମସ୍କାର । ୮ ।

କରୁ ନିତ୍ୟ ମହାଲକ୍ଷ୍ମୀ ଚରଣ ଅର୍ଚ୍ଚନା
ସହୁ ସଦା ସହଧର୍ମିଣୀର ଝଞ୍ଜଟ ଭର୍ତ୍ସନା
ସୁଙ୍କୁ ସଦା ଟହ୍ଲୀ ଉପନାରୀର ପସ୍ୱର
ପତ୍ନୀପ୍ରିୟଦେବ, ଯେନ ଶତ ନମସ୍କାର ।

ଖଟିଥାଅ ଅର୍ଥ ଅଣେ ସହୁ ଦୁଃଖ କ୍ଲେଶ
ରଚୁଥାଅ "ଅର୍ଥ ଅର୍ଥ" ରଜନୀ ଦିବସ
ନିଜ ଲାଗି ବହୁଥାଅ ଗର୍ଦ୍ଦଭର ଭାର
ହେ ଗର୍ଦ୍ଦଭ ରୂପୀ ନିଅ ଶତ ନମସ୍କାର ।

———*———

Digitized by srujan ka@gmail.com

ଗାଁ ଗହଳ

ବନସ୍ପୁର ଗାଁଅ	ମୁଣ୍ଡ ବରଗଛ
ତଳେ ଭାଗବତ ଘର
ପଦ୍ମ ପୋଖରୀଟା	ଅଗରେ ଲହୁଛି
ମରହଟ୍ଟା ଅମଳର ।

ପଟେଣଇତ ଭୋଇଛି-	ଏତ ସେନାପତି
ପଧାନ ନାହାକ ସେଇ
ତେଲି ଶୁଣ୍ଢି ଦାସ	କରଣ ବ୍ରାହ୍ମଣ
ଗୁଡ଼ିଆ ବେଉଟ କୁଳ ।

କାଢ ପଞ୍ଜିବେଳେ	ପୁଟନ୍ତି ସଜଲେ
ଗାଁଅ ଭାଗବତ ଘରେ
ପୁରୋହିତ ସାଧୁ	ନାନା ଭାଗବତ
ବୋଲନ୍ତି ଦଦୁର ସ୍ୱରେ ।

ସେନାପତି ଘର	ସୁନେଇ ପାଇଟା
ସୁଯୋଗେ ପଢ଼ୁଛି ଅତ
ମୃଦାଙ୍ଗିଅ ଘରି	ସହଜେ ଦାଣ୍ଡୁଅ
ବାରବାଟି ଲଖେସ୍ଥଛି ।

ଖଦା ଲଗିବାର	ଦେଖି ଫଦା ଲଣ୍ଡ
ଅସ୍ପଲେଣି ଅଭ୍ୟାଗତେ
ମସିଣା ମୃଦଙ୍ଗ	ପଡ଼ୁଛି ଅଜନେ
ବସିଲେ ଯାଇ ସମସ୍ତେ ।

Digitized by srujan ka@gmail.com

ଖେଚେଡ଼ୀ ଗନ୍ଧର ସୁଗନ୍ଧ ପବନେ
ଉଲ୍ଲସାଇ ଦଏ ମନ
ଏତେ ସମ୍ଭାରରୁ ଘଣ୍ଟ ପାହାନ୍ତିଏଁ
ନଷ୍ଟେ ହୋଇବ ଭୋଜନ ।

ସଞ୍ଜ ଅନ୍ଧାର ବେଳ ହୋଇଗଲା
ସୂର୍ଯ୍ୟଦେବ ହେଲେ ଅସ୍ତ
ବାଲୁରୁ ନଢଅ ପୂଜାରି ବେଗରେ
ଧାଇଁଛ ହୋଇଣ ବ୍ୟସ୍ତ ।

ସମା ଧରେ ଘଣ୍ଟ ସ୍ୱମା ଫୁଙ୍କେ ଶଙ୍ଖ
ସବୁଙ୍କ ଅଲଗ କାମ
ଭକତେ ପ୍ରେମରେ ବୋଇଲେ ହାତରେ
ଶ୍ରୀହରି ଗୋବିନ୍ଦ ନାମ ।

ଧୂପ ବାଟି ଧୂଆଁ ପାଇ ଉଦ୍ରେକେ
ସାଧୁଙ୍କୁ ଭଲେ ବରଦ
ଭଗବତ ବୋଲ ଅଜସ୍ର କର ହେ
ଲଘୁ ହୋଇଯିବ ଅଘ ।

ନାସପୂଣଂ ନମସ୍ତୁଭ୍ୟଂ —ନରସୈବ
ସାଧୁ ଜନା ବଲେ ପାଟି
ଗାଆଁ ଅଖଡ଼ାରେ ଥିଲେ ପିନ୍ଧଦନେ
ଚଣ୍ଡିଠା ହାଉଛୁ ପାଟି ।

ପାଙ୍କଅ ଚାଳଅ ଖଞ୍ଜଣିଅ ପେଟେ
ମିଛ ଧରୁଥିଲେ ଦୁଆ
ସମ ଝଧାନର ସାଗଡ଼ା ସ୍ୱରଠା
ବଢୁଥିଲା ଭିମାଣିଆ ।

Digitized by srujan ka@gmail.com

ଡାମର୍ ରାସ୍ତାର ଘଡ୍ ଘଡ୍ ଡାକ
ଉପମା ଦେବାକୁ ଯୋଗ୍ୟ
ସେ କଣ୍ଠ ବାହୁକ ଛଳେ ଫଳ ନାହିଁ
ଲୁହା ବେତାଳଅ ସଗ ।

ଲୁଡ଼ାଏ ଭନ୍ତରର ଶୁଣିଲେ ଟୋକାଏ
ଗଢ଼ିଲେ ଅଲଗା ପାଟି
ଚିକ୍କିଣାଳ କଥା ପଢ଼େ ଢେଙ୍କାନାଳେ
ବାଣୀସଙ୍ଘା ଗସ୍ତୁମାଟି ।

ଷମ ଦାସ କହେ ଯ ଇଥିଲ ଭାଲି
ଜମିଦାର ଜଅସବୁ
ବାବୁମାନଙ୍କର ମନେ ନାହିଁ ସୁଖ
ଅସନ୍ତ ନାହୁଁ ଦାଣ୍ଡରୁ ।

ଚହକ ବୁଜ ମୋ ସବୁଛ ସେ ଦଣ୍ଡୁ
ଯାଇଥିଲି ଦେଢ଼ିପାଖି
ଗରଜ ବେଳରେ ନ କଲେ କରଜ
ପାଗ ତ ମିଳବ ନାହିଁ ।

କଟେଷ୍ଣ ଘଉଠା ଡାଙ୍ଗବନ୍ଧ ଦେଖି
ଉଡ଼ିଲା ମୋହର ହଂସା
ବଡ଼ ଗୁମାସ୍ତାର ନ ପାଇଲି ଦେଖା
ହେଲି ପିନ୍ଧା ଲେଙ୍ଗଡ଼ସା ।

ଶୁଣିଲି ଖବର କଂଗ୍ରେସ ଅମଳେ
ଜମିଦାରୀ ହେବ ଲୋପ
ପେଟ ଘଣ୍ଟିଦଏ ଭାବନା ହାବେଳୀ
ପଡ଼ୁଛ ଜମିନା ତୋପ ।

Digitized by srujan ka@gmail.com

ସାହେବ ଅମଳେ ଥିଲ୍ସ ସଲ ତାର
ଏବେ ପଡ଼ୁଛନ୍ତି ଧସ
ମଜ ମୁଣ୍ଡେ ଥିଲେ ରକ୍ତ ଶୋଷି ଶୋଷି
ଧସ ମଣିଥିଲେ ଶସ ।

ଗୁମାସ୍ତା ନାଇବ ଗାଆଁ ଠାଉଠରେ
ଚୁସ୍ଥିଲେ କାନବୁହା—
ସଜ୍ଜ ଉପରେ ବାଇ ବାହୁଡା ପଡ଼ଇ
ଦେଖିଅସ ଗାଆଁ ଗାଆଁ ।

ବେଙ୍ଗ ବୋଇଲେ ଥିଲେ ବେଙ୍ଗୁଲୀ ପୃଥିବୀ
ଷଣ ଷଣକରେ ଅନ
ବଲ୍ଲ ବର୍ତ୍ତମାନ ଭୁଞ୍ଜିବ କିଏ ସେ
ଅଁଳ୍ପି ଦିଅ ସାବଧାନ ।

ଵରଣୀ ଭରଣୀ ଅମଲ୍ଲ ପାଞ୍ଜଣା
ପାଉଛ ଖରଚା ପଣି
ଭତ ପୂର୍ବ ସୁଖ ତା ସୁଖ ତା ସଫ
କଏ ଦେବ ଅଉ ଗଣି ।

ସିଅଦା ପାଇବ ଧମକ ଚମକ
ନାଲିରଙ୍ଗ ରଙ୍ଗ ଅଖି
ମାଲି ମୋକଦ୍ଦମା ଫଙ୍କା ନାଗଫାଶ
ଭଡ଼ାଟିଆ ମିଛ ସାକ୍ଷୀ ।

ସବୁଜଲ୍ଲ ସବ ଭିଅ ଭାତ ଦନ
‘ଅସିଲ୍ଲ ପଖାଳ ପାଣି
ଓଲଟ ପାଲଟ ହେଉଛ ପୃଥ୍ୱୀଟା
ସମୁଦ୍ର ଭଟା ଉଛାଣି ।

Digitized by srujan ka@gmail.com

ଭୋଟରେ ଗୋଟିଏ ଘରଜା ପାଳକ
ଅଛ ଯେତେ ପ୍ରଜାଗମ
କଂଗ୍ରେସ ଅମଳେ ଉଠିବେ ପରଜା
କରୁଥିବେ ଧନ୍ୟ ଧନ୍ୟ ।

ନନ୍ଦୁ ଗୁମାସ୍ତାର ଦାଉ ଭାଉ ଠାଣ
ଛାଡ଼ିଦିଏ ଭୟେ ବାଟ
ଗରଜଣୀ ଗାଇ ଶୁଣିଥିବୁ ଭାଇ
ସରିଲା ଗୁମାସ୍ତା ନାଟ ।

ମୁକୁନ୍ଦ ସୁରଭ ପ୍ରଜାଙ୍କର ଯେତେ
ଠିକାସାରୁ ଜମିବାଡ଼ୀ
ଭଲେବଳେ ଦଖ- ଲ କଲେ ନେଇ ସବୁ
ନିଜଗୃହ ଗଲାମାଡ଼ି ।

ବଳଦେବଙ୍କ ପୁଅ ଶୁଣିଲେ ଗୁହାର
ପରଜା ଅଡୁର ଡାକ
ନିରସ ଜନକୁ ଭରସା କେବଳ
ଶ୍ରୀହର ପଙ୍କଜମୁଖ ।

ବାଇଷ୍ଟିମ ଜେନା ବନ୍ଧୁଙ୍କ ସହିତ
ପାଁରଙ୍କ ଖିଆଣୀ ବଣ୍ଟା
ଜବଣେ ହଟାଣେ ହୁଙ୍କାରଣି ବୁଝି
ଚକ୍ରାରେ ହେଲେଣି କଣ୍ଟା ।

କଂଗ୍ରେସ-ବାଲାଙ୍କ ବୁଝି ହଙ୍କମୌଜ
ଦେଖି ଦେଉଥିଲେ ଗୁର
ଧର ନେଉଥିଲ ମୁନସି ଥାନାକୁ
ହ କମ ତ ବଳିଅର ।

Digitized by srujan ka@gmail.com

ଭଙ୍ଗା ଛନରେ ଏତୁ ଜମିଦାରେ
କରୁ ନାଅଁ ପାଣି ମନା
ଖଦଡ଼ଅ ଦେଖି ଦୁରସଣ ତଳେ
ଗୁଡ଼ାର ଫିରଙ୍ଗିବାନା ।

ଅଚେଇ ଦନରୁ ବଢ଼େଇ ଛାଡ଼ିଲେ
ଦେଲେ ଦଗୋଡ଼େ ଅଲଗା
ଚହଳ ପଣ୍ଡିତ ଟେଣ୍ଟରେ ଏ ଭାଙ୍ଗ
ଛଗ୍ରାରେ ହେଲେ ସଜନା ।

ରଜା ଜମିଦାର୍ ଦର୍ପ ଭାଙ୍ଗିବାରେ
ପଟେଲ୍ ବଜ ଟାଣ୍ଡ୍ରା
ବଡ଼ା ବଡ଼ା କଥା ଶୁଣାଇ ଦଏ ସେ
ପୁହୁଣା ହାତ ବାଣ୍ଡ୍ରା ।

ଏଲେକରେ ଥାଇ ଅଲ୍ପଦନେ କଥା
ପଦରେ ହେଲଣି ସ୍ପଷ
ବଡ ଛୋଟା ତଲ କଥ ବୋହୁଛରେ
ବାଲୁଅ କରେଣି ପାଟ ।

ହୁଡ଼ାଁ ବନ୍ଧା ସାର ସନ୍ଥଅଁ ଗଜ୍ଜନ
ଗୋଠରୁ ଫେରୁଛ ଘରେ
ଗାଅଁ ଭିତରଟା କଣ୍ଢ଼ଇ ହେଉଣି
ଦଣେ ନା କଳୁ ଅନ୍ଧାରେ ।

ବୁଢ଼ା ଶାମ ଦାସ ଦର୍ଭଗତଅ
ଚେକରେ ତୁଳସୀ କଣ୍ଠୀ
ଢଳଚ ଟ୍ରାଳରେ ନାହୁଁ ପୁରୁଷେର୍
ଦନ୍ଗଡ଼ ଯାଏ କଟି ।

Digitized by srujan ka@gmail.com

ନାକରେ ସାଙ୍କୁଡ଼ି .. ସ୍ୱମାନନ୍ଦୀ ଚିତା
ମୁଣ୍ଡରେ ଚୈତନ୍ୟ ଚୁଟି
ଦେହ ସାରା ହରେକୃଷ୍ଣ ଛାପମସ୍ତ ଜାଣେ
ଟହଟଉ ସାଧୁବୃତ୍ତି ।

ସାଧୁଙ୍କ ହୃଦେତ ଗଙ୍ଗାଗୟା କାଶୀ
ନବଦ୍ୱୀପ ମଥୁରା ଧାମ
ଭୂମି ଅଛିଅଛି ଚକ୍ଷୁ ଖୋଲେ ତାର
ଭଜେ ସଦା ହରିନାମ ।

ନାମାବଳୀ ଝିଣ୍ଡି ଦୋପଟ୍ଟା ତାହାର
କଣ୍ଠେ ଧୂଳିପୂର୍ଣ୍ଣ ଝୁଲି
ତନ ଗଣ୍ଡ ହାଡ଼ ମଣ୍ଡିଥାଏ ତହିଁ
[illegible] ମାଳା ।

ଗାଁ ଅଟା ଭିତରେ ମରହଟ୍ଟା ବୁଢ଼ା
ଶବ୍ଦେ ଭୋଡ଼ିଏ ବରଷ
ହାଟରେ ବଜାରେ "[illegible]"
ଧନ୍ୟ ଧନ୍ୟ ତା ଆୟୁଷ ।

ନ୍ୟାୟ କଣ୍ଟାପରେ ପଡ଼ିଲେ ଅତୁଥ
ବୁଢ଼ା ତହିଁ ହୁଏ ଲେଖା
ଦୁଇପକ୍ଷ ଲୋକ ଫଟାଇ,ଦଏ ସେ
ଭଣି ମାନ୍ଦାର୍ଦ୍ଦ ଅବସ୍ଥା ।

ସଜି ଯାଇ ବୁଢ଼ା ପାଟିକର କହେ
ଅନ୍ଧାରେ କିଛି ତୋଳ
ସଞ୍ଜବେଳେ ଅସି ବାହାରେ ବସିଛ
ଭରି ଧୁଆଁ ଗଣ୍ଡଗୋଳ ।

Digitized by srujan ka@gmail.com

ଜମିଦାର ସବୁ ମରହଟ୍ଟ ପିଠେ
ଏଇ ରଖିବେ ଦୁନିଆଁ
ଯୁଗ ଯୁଗ ପାଇଁ ଢଳ ତମ୍ବା ପଥା
ଅସି ଅଛୁ କଟରେ ବୁଅଁ ।

ପୁଣି ଭଜା ଗଲେ ମର୍ହଟ୍ଠା ଅଇଲେ
ଅସିଲ ଇଂରେଜୀ ଶେଷେ ।
ଧୂଆଁ କଳ ଗାଡ଼ ଇଷ୍ଟିମାର ବୋଟ
ଗ୍ରେଲଲ ଦେଖିଲ ଦେଶେ

ପିଲାଦିନେ ମୋର ପଢ଼ିଲ ନଅଙ୍କ
ସେତେ ନାହିଁ ମୋତେ ଜଣା
ଗଛ ପଦ ଖାଇ କହୁଥିଲେ ଲୋକେ
ମରିଲେ କେତେ ଅଜଣା ।

ବାଲ୍ୟ ଶାଗୁଣା ଘରେ ପଶିଗଲେ
ଉଠିଲ ଭୈରବ ଡାକ
କେତେ କେତେ କଥା ନହେଲା ଅଙ୍ଗେ
ତମେ ତ ପିଲ ଗୁଡ଼ାକ ।

ଭାଗବତ ପାଠେ ମନ ନାହିଁ ଢଳେ
ଖାଲି ଖାଇବା ଲାଳସା
ଘରେ ଅଗ୍ନି ବସ ତମର ଅଖିରେ
ମୁରବ ହେଲେଣି ମଣା ।

ଧନ୍ୟ କଳିକାଳ ପଦ୍ମଗୁଲ ଅସି
ବୁଡ଼ିଲ ଧରମ ଭସ୍ମ
ବ୍ରହ୍ମୋତ୍ର ମାଫି ଠୋକାଙ୍କ ସଙ୍କୁଡ଼
ବୁଡ଼ିଲ ହେଲା ନଷ୍ଟସ୍ୱ ।

Digitized by srujan ka@gmail.com

ବଡ଼ା ବଡ଼ା କଥା ଭଣ୍ଡବାଲୁ ଦାସେ
ପାଟି ତୁଣ୍ଡ ହେଲେ ବନ୍ଦ
ସାଧୁ ଜନା ଭାଗବତ ବୋଲ୍ଥାନ୍ତି
ହରି ନାମ ମକରନ୍ଦ ।

—x—

ଆଜାଦ୍ ସଙ୍ଗୀତ

ସେ ଦିନ ଅଜାଦ ବାହିନୀ ସଙ୍ଗେ
ତାଳନ୍ତି ଭୀଷଣ ସମର ସଜ୍ଜା
ବ୍ରିଟିଶ୍ ହୃଦନ୍ତ ବକ୍ଷେ ରୋପନ୍ତି
ତ୍ରିରଙ୍ଗ ନିଶାଣ ବିଜୟ ଧ୍ୱଜା ।

ଗର୍ଜି ଉଠିଲେ ଦୃପ୍ତକଣ୍ଠଶ୍ରୀ
ସଘନେ ସାଗର ପାରେ
ଅସରେ ସବେ ନିର୍ଭିକ ବୀରେ
ସ୍ୱଦେଶ ମୁକ୍ତି ଦ୍ୱାରରେ ଶକ୍ତ ।

ପ୍ରତାପ ଶିବାଙ୍କ ଖଡ୍ଗ ଅଣିଛୁ
କରବ ଏ ଧରା ଅଶତ୍ରୁ ଶୂନ୍ୟ
ପିଇଣି ରକ୍ତେ ଜନନୀ ଚରଣ
ପଖାଳି ହେବୁ ରେ ଜଗତେ ଧନ୍ୟ

ଅନ୍ତରେ ଟେଭାଠୀ ମୁକ୍ତି ହୋଇବେ
ଅଜାଦ୍ ବାହିନୀ ନିଶାଣ ତଳେ
ଦେଖୁ ଏ ହିନ୍ଦୁ ହୁଂକାର ଜ୍ୱାଳା
ଦାସତ୍ୱ ବନ୍ଧନ ଦୂରୀଃଅ ହେଲେ । ୧ ।

Digitized by srujan ka@gmail.com

ଡୋହମା ପ୍ରାନ୍ତରେ ବାଜେ ରଣଭେରୀ
ଜଗାଇ ଅସଂଖ୍ୟ ପ୍ରାଣ ଅତଳ
ଖଡ୍ଗ ରକ୍ତେ ଧୋଇବ ଶତା
କରନ୍ତୁ ପ୍ରତିଜ୍ଞା ବୀର ନିଶଙ୍କ
ମହାବିକ୍ରମେ ଅକ୍ରମେ ଅରି
ଧରନ୍ତି ନିର୍ଭୀକ ମୂର୍ତ୍ତି
ଶୂନ୍ୟରେ ସ୍ୱରଗରୁ ଦେବତାଏ
ଅମୃତ କଲେ ବୃଷ୍ଟି । ୨ ।

ଜାଗ୍ରତ ଜାତିର ମୁକ୍ତ ପ୍ରଗତି
ଜଗତେ ରୋଧିବ କାହାର ଶକ୍ତି
ଅସ୍ତ ଦଳିତ ଚିର ପୀଡ଼ିତ
ଅବହେଳିତ ମାନବ ଶକ୍ତି
ଛିଣ୍ଡିଲା ଅଜ୍ଞ ଜଡ଼ତା-ଭେଦ
ନଭେ ସ୍ୱାଧୀନତା ସୂର୍ଯ୍ୟ
ସାରା ଜଗତ ସ୍ତମ୍ଭିତ ହୋଇ
ଦେଖିଲା ଦୁର୍ଦ୍ଧର୍ଷ ଶୌର୍ଯ୍ୟ । ୩ ।

Digitized by srujan ka@gmail.com

ଗୟା କଂଗ୍ରେସ

ପୁଣ୍ୟତୋୟା ଫଲ୍‌ଗୁ ତୀରେ
କଂଗ୍ରେସ ମହାଶିବିରେ
ସମ୍ମିଳିତ ନେତା ନେତ୍ରୀ
ସ୍ୱାଧୀନତା ପଥ-ଯାତ୍ରୀ
ବଙ୍ଗବୀର ଚିତ୍ତରଞ୍ଜନ
ଅଳଙ୍କୃତ କରି   ସଭାପତି ପଦ   ଦେଲେ ଦୀର୍ଘ ଅଭିଭାଷଣ ।୧।

"କାଉନ୍‌ସିଲ ଏଣ୍ଟ୍ରି ପଥେ
ଦେଖାଇବା ଯାଗ ମର୍ତ୍ତ୍ୟେ"
ଅତ୍ୟାଗୃର ଅବରଣ
ଲାଟସଭ୍ୟ ପ୍ରହସନ
ହୋଇ ଶତ ବାଧା ବିବ୍ରତ

ମାଗିବ ଶରଣ   ମହାସଭ୍ୟ ପାଶେ   ଉଠ କର୍ମୀ ଜଗ ସମ୍ମତ ।୨।
ବୀର ରଣ ମଦେ ମାତି
ଉଠିଲୁ ବସ୍ଟ କାଢ
ବଜାଏ ସମର ଭେରୀ
ହସ୍ତେ ଶସ୍ତ୍ର ଗୃହେଁ ଫେରି
ଲେକାରଣ୍ୟ ଗୟାନଗରୀ

କାଟିଯିବା ବନ୍ଧି   ଜଳେ ପ୍ରତିଷ୍ଠାଣେ   ପାହନ୍ତି ତାମସ ଶର୍ବରୀ
ଫଳବତୀ ମର୍ମ ଆଶା
ବର୍ଣ୍ଣିବାକୁ ନାହିଁ ଭାଷା

Digitized by srujan ka@gmail.com

ହୃଦୟ ଅନନ୍ଦେ ପୂରେ
ସଂକୀର୍ତ୍ତିତା ଗନ୍ଧ ଦୂରେ
ଧନ୍ୟ ହେଲ ମମଜୀବନ
ନେତୃପଦରଜ ପୂର୍ଣ୍ଣ ସଶ୍ରଦ୍ଧାଳୁ ନତଶିରେ କଲି ଧାରଣ ।

ମାହାତ୍ମାଙ୍କ ଭିକ୍ଷା

ପ୍ରଶାନ୍ତ ପାବନ   ଜଗତ ବରେଣ୍ୟ
ପୁଣ୍ୟଶ୍ଳୋକ ଦେଶ ମୁକ୍ତିଦାତା
କର୍ମୀ ବସ୍ତ୍ରଧାରୀ   ସାଧୁ ବ୍ରହ୍ମଋଷି
ଭାରତ ଜନନୀ ଭାଗ୍ୟଧାତା ।୧।

ଜ୍ୱଳନ୍ତ ଲଲାଟ   ସତ୍ୟର କିରୀଟ
ପ୍ରଶମମୂର୍ତ୍ତି ଉଭା ଧରାତଳେ
ନୟନ ଯୁଗଳ   ବର୍ଷେ ଅବିରଳ
ସରଗର ତେଜ ତପୋବଳେ ।୨।

ଧନ ଜନ ସଖା   ଅନଳ ପରୀକ୍ଷା
ଦେଲ ଜୀବନରେ ବାରଂବାର
ପାଷାଣେ ଶରୀର   ଗଢ଼ି ଅଛି ବୀର
ବଜ୍ରୋପମ ଶକ୍ତ ନିର୍ବିକାର ।୩।

"ଲୋଭ କ୍ରୋଧ କାମ"   ତେଜେ ତାର ଭୟ
ମର୍ତ୍ତ୍ୟେ ଦଧୀଚିର ଅବତାର
ବିଶ୍ୱମୈତ୍ରୀ ବ୍ରତ   ଅହିଂସା ସନ୍ତତ
ଚରଖାଟି ତାର କାରାଗାର ।୪।

Digitized by srujan ka@gmail.com

ବର୍ମୀ ଧର୍ମପ୍ରାଣ — ମହାତ୍ମା ମୋହନ
ତୁମେ ଭାରତର ପୁରପଲ୍ଲୀ;
ଛଳକ ସ୍ୱରାଜ୍ୟ — ପାଣ୍ଠି ମାଗେ ଅର୍ଥ—
ହୁଲରବ ଧର ଭଙ୍ଗାଇଲ । ୫ ।

ବଙ୍ଗ ଭାସ୍କର — ଚିତ୍ତରଞ୍ଜନର
ପ୍ରାସାଦେ ପ୍ରବେଶି ଆନନ୍ଦରେ
ଭିକ୍ଷା ମାଗେ ଦେଶ — ଲାଗି ସେ ତାପସ
ଉଭା ବଙ୍ଗବୀର ସମ୍ମୁଖରେ । ୬ ।

ନିଅ ଯେତେ ଧନ — କରିପାରେ ଦାନ
ଦେଶଲାଗି ଶ୍ରୀଚରଣେ ତଳେ
ଲୋଡ଼ା ନାହିଁ ଧନ — ଲୋଡ଼ା ଆତ୍ମଦାନ
ହୃଦଦାନ ମାଗେ ଦିଅ ହେଲେ । ୭ ।

ହେଲେ ନିରୁତ୍ତର — ତ୍ୟାଗୀ ବଙ୍ଗବୀର
ନତଶିର ମହାତ୍ମାଙ୍କ ପାଶେ
ଦେଶ ହିତ ଲାଗି — ଦେଲେ ପ୍ରାଣ ଢାଳି
ଜଳାଞ୍ଜଳି ଦେଲେ ସ୍ୱବିଳାସେ । ୮ ।

"ଦାସ" ପରିବାର — ତୁମ୍ଭଙ୍କ ସମର
ସାଧି ରଣଭୂମେ ଦେଲେ ପ୍ରାଣ
ଦେଶ ଇତିହାସ — ଘୋଷୁଥିବ ଯଶ
ସଉରଭ ତବ ପୁଣ୍ୟ ନାମ । ୯ ।

—o—

Digitized by srujan ka@gmail.com

ପାର୍ଟି (Party)

କହ କେଉଁ ପାର୍ଟି ଅଶ୍ରୁ ଧରିବ
ଘରେ ଘରେ କେତେ ପାର୍ଟି
କେତେ ପାର୍ଟି ବାଲା ବୋଲନ୍ତି ବନ୍ଦନା
ଇଚ୍ଛାରେ କରନ୍ତି ପାର୍ଟି ।

ଅଜା ପାର୍ଟି ଅଛ— ପାର୍ଟି ମାମୁ ପାର୍ଟି
ମାଇଁଙ୍କ ପାର୍ଟି ଅଲଗା
ଗାଆଁ ଠା ଭିତରେ ଢୋକଏଠା ପାର୍ଟି
ବାହାର କରନ୍ତି ବଗା ।

ସଭ୍ୟ ଅମେରିକା ବିଲାତ୍ ସହିତେ
ଅଛି କେତେ ବଡ଼ପାର୍ଟି
ଘରେ ଘରେ ପାର୍ଟି ନଗଢ଼ିଲ ଦିନେ
ଧ୍ୱଂସ ହେବ ଜନ୍ମମାଟି ।

ଯେଉଁ ପାର୍ଟିବଳ ବେଶି ହୁଏ ଦେଶେ
ସେ ନିଏ ଶାସନ ଭାର
ମନ୍ତ୍ରୀ ମାର୍ଟି ଘରେ ତୋଳନ୍ତି ସରଗ
କୋଠା ଅଟ୍ଟାଳି ସୁନାର ।

କେ କହେ ମୋ ପାର୍ଟି ଅଛି ବଳିଅର
ଅଭନ୍ ଡା ଅଛି କଡ଼ା
ମୂର୍ଖଅ ଲୁଳକୁ ବସାଇ ମୁଣ୍ଡରେ
ଧନୀଙ୍କୁ କଠାଏ ଚଡ଼ା ।

Digitized by srujan ka@gmail.com

କେ କହେ ମୋ ଦଳ — ସାତ୍ତ୍ୱିକ ଭାବ ସହ
କରଏ ସମର ହେତୁ
କପଟାର ଗନ୍ଧ — ଭଣ୍ଡ ଥ ବାରୁଦର
ଫୁଟାଏ ପୃଥୁଳ ପେଟ ।
କଣିକିଆ ହେବେ — ଧ୍ୱଂସ ଖଟିକିଆ
ଦୁନିଆଁଟା ଯିବେ ମାଡ଼ି
ଗୃହୀ ଭଲ ମିଳି — ଲଙ୍ଗଳ ମୁନରେ
ଦେଶଟାକୁ ଦେବେ ଡାଡ଼ି ।

ମସ୍ଲିମଲିଗ୍ — ଲିବେରାଲ୍ ଲେବର
ମଡରେଟ ଏକ୍ସ୍ଟ୍ରିମିଷ୍ଟ
ସୋସିଅଲିଷ୍ଟ — ଫରୱାର୍ଡ ବ୍ଲକ୍
ଷ୍ଟାଲିନିଷ୍ଟ କମ୍ୟୁନିଷ୍ଟ ।

ଶୁଣି ଶୁଣି କାନ — ବଧିର ହେଲଣି
ଫିଟିଲା ଗଲଣି ମଥା
ଭଲ ହେଲା କିଏ — ଚିହ୍ନିବା ଦୁରୁହ
କାହାକୁ କହିବା କଥା ।

ନାଗା ପାଟି ଦନେ — ବଢ଼ ଭାବ ମନେ
କାଞ୍ଚନ ସମଗନନ
ଇତ୍ୟାଦି ଦଳନ — ଭ୍ରାତୃ ହତ୍ୟା ପାପେ
ଧ୍ୱଂସ କଲା ଭୂମଣ୍ଡଳ ।

ନର ରକ୍ତେ ରଙ୍ଗି — ଧର ଫ୍ରାଙ୍କୋ କଲେ
ସ୍ୱଦେଶ ମାନବ ଶୂନ୍ୟ
ଫାସିବାଦ ଗୁଣ — ସ୍ଥାପି ବୋଲାଇଲେ
ଜେନେରାଲ ମହାମାନ୍ୟ ।

Digitized by srujan ka@gmail.com

ଗୃଙ୍ଗ କାଇସେକ୍ କୋମିଠାଙ୍ଗ ପାର୍ଟି
ଚୀନ କଲେ ଲଣ୍ଡଭଣ୍ଡ
ଦୀର୍ଘ ଗୃହ-ଯୁଦ୍ଧ ଶେଷେ ନେଲା ଦେଶ
କମ୍ୟୁନିଷ୍ଟ ରାଜ ଦଣ୍ଡ ।
ଭେଦନୀତି-ଦକ୍ଷ ଫିରିଙ୍ଗି ଅର୍ପିଲା
ଦଳ ମୂର୍ତ୍ତି ଅଛାଡ଼ର
ହିନ୍ଦୁସ୍ଥାନ ପାକ- ସ୍ଥାନ ଅପରନ୍ତ
ମେଲଣି ଅଭ୍ୟନ୍ତର ।

ପଞ୍ଜାବ ପୂର୍ବ ବଙ୍ଗୁ ନରସ୍ରୋତେ
ଆସିଲେ ଭାରତ ଦେଶ
ଭାରତ ସର୍କାର ଯୋଗାଇଲେ ଦୁଃଖେ
ବାସ ଅଛାଦନ ବେଶ ।

ସମ୍ପ୍ରତି କୋରିଆ ସମର ସ୍ତୂପେ
ଦୁଇ ପାର୍ଟିଙ୍କର ଗୋଳ
“ଘର ପୋଡ଼ିଯାଉ ମରନ୍ତୁ ଓଡ଼ଣ”
ନୀତିରେ ସଭିଏଁ ଖେଳ ।

ଅତଏବ ସାଥିଗଣ ପାର୍ଟି ବନ୍ଦ କର
ନକର ବିବାଦ ସୃଷ୍ଟି
ଦେଶହିତେ ଲାଗ ଏକ ମନ ପ୍ରାଣେ
ହୋଇବ ଅମୃତ ବୃଷ୍ଟି ।

ଅନୁରାଗ ଡୋରେ ମଣିଚୂଡ଼ କୋଡ଼ା
ଯେତେ ନାଗବର୍ଗ ଦଳ
ସ୍ୱାଧୀନ ଦେଶର ଘଣ୍ଟ ସନ୍ଧି ବେଳେ
ନ ସ୍ରାବ ଅଜ ଗରଳ ।

Digitized by srujan ka@gmail.com

ଖୋଲିବଧନାରେ ଫନ୍ଦ ଏବେ ଖୁଲ
ପାଇଟି ଗଲଣି ବୋକା
ଗାଆଁ ଗାଆଁ ପାଟି ଘର ଘର ପାଟି
ଅନ୍ଧା ଅନ୍ଧା ଚୋବା ଚୋବା ।

ଭଗତ ସିଂ

ଇଂରେଜ ଅତ୍ୟାଚାରେ
ଆକାଶ ପୃଥ୍ୱୀ ଥରେ
ଭାରତ ଦେଶ ସାରା
ବନ୍ଦୀରେ ପୂର୍ଣ୍ଣକାରା
ବିପ୍ଳବୀ ବୀରେ ଶପଥ ନେଲେ
ଶାସନ କରିବେ ଧ୍ୱଂସ
ବଧିବେ ବ୍ରିଟିଶ ବଂଶ ।୧। †

ଶିକ୍ଷିତ ସାଥୀବୀରେ
ସମ୍ମତ ନତଶିରେ
ଗୁପ୍ତ ଅତଙ୍କ ଦଳ
ଜାଳିଲେ ହିଂସାନଳ
ବିଦ୍ରୋହୀବୀରେ ଶପଥ ନେଲେ
ଶାସନ କରିବେ ଧ୍ୱଂସ
ବଧିବେ ବ୍ରିଟିଶ ବଂଶ ।୨।

---

† ବଟୁକେଶ୍ୱର; ଶୁକଦେବ ଓ ରାଜାରାମ ଲାହୋର ଷଡଯନ୍ତ୍ର ମାମଲାରେ ଫାଶି ପାଇଥିଲେ ।

Digitized by srujan ka@gmail.com

ଛଣାଇ ଅଗ୍ରଲେଖା
ଦେଲେ ଅଗ୍ନି ପରୀକ୍ଷା
ରଚି ଅଗ୍ନେୟ ବାଣ
ନେଲେ ଶ୍ୱେତଙ୍କ ପ୍ରାଣ
ଗୁପ୍ତ ଷଡ଼ଯନ୍ତ୍ର ହେଲା ହତାଶ
ବିଫଳ ଅନୁସନ୍ଧାନ
ଧରିବ ବୀର ସନ୍ତାନ ।୩।

ଭଗତ ସିଂ ସର୍ଦ୍ଦାର
ଶତ୍ରୁ ହସ୍ତେ ଗ୍ରେପ୍ତାର
ଝୁଲିବେ ଫାଶି କାଠେ
ଜନତା ଘାଟେ ମାଠେ
ପଞ୍ଜାବ ସିଂହ ଦର୍ଶନ ଲାଗି ଯିବଗଲ ସ୍ୱର୍ଗପୁରର
ନୟନୁ ଅଶ୍ରୁ ଝରେ;
ମୃତ୍ୟୁ ବିଜୟୀ ବୀର ।୪।

ଧ୍ରୁବ ଅଟଳ ସ୍ଥିର
ଆନନ୍ଦ ଭରା ପ୍ରାଣ
ନୁହେଁ ସେ ମ୍ରିୟମାଣ
କରେ [illegible] ପରପାରେ ସେ ଶାସନ କରିବ ଧ୍ୱଂସ
ବର୍ଷିବ ବ୍ରିଟିଶ ବଂଶ ।୫।

Digitized by srujan ka@gmail.com

ନାଜିବାଦର ହୁଙ୍କାର

(1939 ହିଟଲରଙ୍କ ରାଇନଲାଣ୍ଡ ସଶସ୍ତ୍ରୀକରଣ ଅବଲମ୍ବନେ)

ବିଜ୍ଞାନର ଲୀଳାକେନ୍ଦ୍ର ବୀର୍ଯ୍ୟଶୌର୍ଯ୍ୟମୟୀ
ମହାଦେଶ ମଧ୍ୟେ ଖ୍ୟାତ ଜ୍ଞାନ ମହାପୀଠ
ରଣ ମହାତେଜା ଯୋଦ୍ଧେନ୍ଦ୍ର ଜନନୀ
କୋଳାହଳ ମୁଖରିତ ବର୍ଲିନ ନଗରୀ
ଧରିଛି ଅପୂର୍ବ ଶୋଭା ଅଶ୍ରୁତ ସେ ଦୃଶ୍ୟ
ପୋଟ୍‌ସଡାମ ସୈନ୍ୟ ଶିବିରର ସାଜସଜ୍ଜା
ମହାରଣରଙ୍କ ଜର୍ମାନୀର ମହାବୀରେ
ଅଧୁନାତ ଯୁଦ୍ଧ ଅସ୍ତ୍ରେ ହୋଇ ବିଭୂଷିତ
ସୈନ୍ୟାଧ୍ୟକ୍ଷ ଆଦେଶରେ କରନ୍ତି ପାରେଡ
ସ୍ୱସ୍ତିକ ଅଙ୍କିତ ପ୍ରତି ସେନା ରମ୍ୟ ସାଜେ
ଦୁର୍ଗ ଉପକଣ୍ଠ ସ୍ଥିତ ବିସ୍ତୀର୍ଣ୍ଣ ପ୍ରାନ୍ତର
ଶ୍ରେଣୀବଦ୍ଧ ସେନା ସମାବେଶେ ଲୋକାରଣ୍ୟ
ସ୍ଥାନେ ସ୍ଥାନେ ନଭସ୍ପୃଶି ଜାତୀୟ ପତାକା
ବିଶାଳ ସ୍ୱସ୍ତିକଛବି ମନ୍ଦ ସମୀରଣେ
ହୁଏ ଆନ୍ଦୋଳିତ ଠେକି ଜର୍ମାନ୍ ଗୌରବ
ସାମରିକ ବ୍ୟାଣ୍ଡବାଦ୍ୟ ସୁଲଳିତ ସ୍ୱରେ
ଅଣିଦଏ ନବତେଜ ଦୁର୍ବାର ବିକ୍ରମ
ଭ୍ରୂକୁଟୀ ବୀରତ୍ୱବ୍ୟଞ୍ଜୀ କଠୋର ନିର୍ମମ
ଅବ୍ୟର୍ଥ ସନ୍ଧାନେ ଯାର ବସେ ଅଭିଷିତେ
ଭୂମଣ୍ଡଳ ବିଜୀଗିଷୁ କୃତାନ୍ତ ଶମନ
ଅଶ୍ୱାରୋହୀ ସୈନ୍ୟଦଳ ମହାଦର୍ପ ଭରେ
+ ସର୍ବେ ଚଳିଛନ୍ତି ରିଚ୍‌ଷ୍ଟାଗ ଅଭିମୁଖେ

+ ଜର୍ମାନ ପାଲେମେଣ୍ଟ

Digitized by srujan ka@gmail.com

ଦ୍ୱାରେ ଦ୍ୱାରେ ସୁସଜ୍ଜିତ ସୁମନତୋରଣ
ଆଣିଦିଏ ପାରିଜାତ ପୁଷ୍ପ-ପରିମଳ
ସ୍ୱାଗତର ଲିପି ଲେଖା ପ୍ରତି ଅଟ୍ଟାଳିକା
ବିଶ୍ୱବିଦ୍ୟାଳୟ ଗିର୍ଜା ଔଷଧ ଆଗାର
ବ୍ୟାୟାମ ମନ୍ଦିର ନାରୀ ବିଦ୍ୟା-ନିକେତନ
ଆନନ୍ଦେ ଉତ୍‌ଫୁଲ୍ଲ ଅଛି ଜର୍ମାନ ସାମ୍ରାଜ୍ୟ
କୃଷିଶାଳା ଶିଳ୍ପଶାଳା ଅନାଥ ଆଶ୍ରମ
ପ୍ରଦର୍ଶନୀ ସ୍ଥଳ ରମ୍ୟ ବିପଣୀ ବୀଥିକା
ପାନ୍ଥାଗାର ଗ୍ରନ୍ଥାଗାର ନାଟ୍ୟରଙ୍ଗମଞ୍ଚ
ବିଚିତ୍ର ଚଳଚ୍ଚିତ୍ର ବେତାର ଭାଷଣ—
ଆଲୟେ ଆଜି ବିପୁଳ ଜନ ସମାଗମ
ନାଜିଦଳପତି ବୀର ଧୀର ହିଟଲର
ରିଚଷ୍ଟାଗ ମହାସଭା କରିବେ ମଣ୍ଡନ
ରାଇନଲ୍ୟାଣ୍ଡ ଅଭିମୁଖେ ଚାଳିବେ ସୈନ୍ୟ
ବିଶ୍ୱଜାତି ସଂଘେ ଦେବେ ବୈରପ୍ରତିଶୋଧ ।
ନାଜିବୀର ଜର୍ମାନୀର ସର୍ବମୟ କର୍ତ୍ତା
ଆଗମନ ପ୍ରତୀକ୍ଷାରେ ବିପୁଳ ଜନତା
ରାଜପଥ ପଥପାର୍ଶ୍ୱ ତୁଙ୍ଗ ହର୍ମ୍ୟଚୂଳେ
ଅଳିନ୍ଦ ଗବାକ୍ଷ ପଥେ ରହିଛନ୍ତି ଚାହିଁ
ଅଭିବାଦନର ସ୍ତୁତି ଗାଇବାକୁ ଉଚ୍ଚେ
ଏକାଳେ ଶୁଭିଲା ହୁରୁ ଜନ କୋଳାହଳ
ହିଟଲର ବସି ଦିବ୍ୟ ବୈଦ୍ୟୁତିକଯାନେ
ଅତିକ୍ରମି ରାଜପଥ ପାଦ ମନ୍ତ୍ରୀସହ
ଉପସ୍ଥିତ ରିଚଷ୍ଟାଗ ହର୍ମ୍ୟ ସଭାଗୃହେ
ଧୀର ହିଟଲର ନାଦେ ଆକାଶ ଅବନୀ
ଧାମ ବ୍ୟାପୀ କ୍ଷଣେ କ୍ଷଣେ ହେଲା ପ୍ରକମ୍ପିତ

Digitized by srujan ka@gmail.com

ଦୁର୍ଜ୍ଜୟ ଜର୍ମାନ ଦୃଢ଼ ଅଜାଣ ବାହିନୀ
ପୁଷ୍ପବୃଷ୍ଟି କରୁଥାନ୍ତି ଆଗମନ ପଥେ ।
ଜୟ ମାଗି ବୀର ଧନ୍ୟ ଜଙ୍କର ସ୍ୱଜନ
ମଣ୍ଡିତ ଚିତ୍ର ସସ୍ମଗୃହ ବିପୁଳ ଆନନ୍ଦେ
ବୈଦେଶିକ ବିଭାଗର କର୍ତ୍ତା ହିରହେସ
ସାମରିକ ମୁଖ୍ୟ ସେନାପତି ରିବେନ୍‌ଟ୍ରପ୍
ଶାନ୍ତିରକ୍ଷା ଦଳପତି ସ୍ଥାର ହିମଲର
ଡକ୍‌ଟର ଗୋବେଲସ୍ ଧୂରନ୍ଧର ସହକର୍ମୀ
ନାଜିବାଦ ପ୍ରଚାରର ମୁଖ୍ୟକର୍ତ୍ତା ବିଶ୍ୱେ
ରିଚ୍‌ଷ୍ଟାଗ୍ ନାଜିବକ୍ତା ମାର୍ଶାଲ ଗୋରିଙ୍ଗ
ଭନ୍ ପାପେନ ପଟୁକୂଟ ରାଜନୀତିଶାସ୍ତ୍ରେ
ରାଜଦୌତ୍ୟେ ବିଜ୍ଞ ଖ୍ୟାତ ଭୁବନମଣ୍ଡଳେ
ନାଜିରାଜ୍ୟ ଗୁପ୍ତଚର ବିଭାଗ ଗେଷ୍ଟାପୋ
କର୍ତ୍ତା ହିଚ ନାଜି ରାଜକର୍ମଗୃହ
ପ୍ରତିପକ୍ଷ ଦଳନେ କୃତାନ୍ତ ଶମନ ।
ଏକାଳେ ଉଠିଲା ଘନ ଘନ କରତାଳି
ଜନ ପାରାବାରେ ଭୁଜ ଉର୍ମୀର ନିର୍ଘୋଷ
ଜର୍ମାନ୍ ସାମ୍ରାଜ୍ୟ ନବଜଗ୍ର ଧୂମକେତୁ
ଅଶାନ୍ତି ଅଚିର ଯୁଦ୍ଧ ବିଗ୍ରହାବତାର
କାଳରୂପୀ ଧୂସରିତ ପୋଷାକେ ସଜ୍ଜିତ
ପୃଥିବୀ ପ୍ରଳୟଙ୍କରୀ କାଳରୁଦ୍ର ମୂର୍ତ୍ତି
ରଣଚଣ୍ଡୀ ବରପୁତ୍ର ଅଦୂରଦର୍ଶୀ
କ୍ଷମତା ଲୋଲୁପ ବିଶ୍ୱଶାନ୍ତି ଭଙ୍ଗକାରୀ
ବିଶ୍ୱ ବିଦିତ ଯାର ଉଦ୍ଦଣ୍ଡୀ ଦଳନ
ନିଃଶଙ୍କୋଚେ ବଧ୍ୟାଗାରେ ଲକ୍ଷ ମହାପ୍ରାଣୀ
ମହାବୀର ହିଟଲର ଅବସ୍ଥିଲେ ବାଢ଼ି।

Digitized by srujan ka@gmail.com

ଘୋର ହୁଙ୍କାରର ନାଦେ ଜର୍ମାଣ ମନ୍ତ୍ରୀ
“ସଙ୍ଗସଦବର୍ଗ ପ୍ରିୟ ନାଜୀଭ୍ରାତୃବର୍ଗ
ମୋହନିଦ୍ରା ତେଜି ଆସ ବୀର ଦର୍ପେ ଗର୍ବେ
ଅଣିବା ଫେରାଇ ଜର୍ମାଣର ଗୁପ୍ତଶକ୍ତି
ଉଡ଼ାଇବା ନାଜୀରାଜ୍ୟ ଗୌରବ ପତାକା
ବିଶ୍ୱଶାନ୍ତି ଯୋ ନାମେ ଗଢ଼ା ଜାତି ସଂଘ
ଜର୍ମାନର ଧ୍ୱଂସକାମୀ ଚିର ଘୋରଶତ୍ରୁ
ଶତ୍ରୁ, ଶତ୍ରୁ, ମହାଶତ୍ରୁ ଭର୍ସେଲିସସନ୍ଧି
ଦେଶ ମେରୁଦଣ୍ଡ ଭାଙ୍ଗି କଲା ଶତଖଣ୍ଡ
ଦୁର୍ବିସହ ହେଲା ରଣ କ୍ଷତି ସମ୍ପୂରଣ
ଜାତିସଂଘ ଗଢ଼ା କୂର ଚାଲ ନାଗଫାଶ
ଜର୍ମାନ ଶୋଷଣ ଲାଗି ପୂର୍ଣ୍ଣ ଅଭିସନ୍ଧି
କଟକଣା ଜଳସ୍ଥଳ ଆକାଶ ବାହିନୀ
ସ୍ୱାଧୀନ ମାନବ ପକ୍ଷେ ଘୋର ଲଜ୍ଜାକର
ଯେ ଜାତିରେ ଜନ୍ମଲଭି କୋଟି ଶୂରବୀରେ
ମଣ୍ଡି ଥିଲେ ବଂଶୋଜ୍ଜ୍ୱଳ ଗୌରବ କିରୀଟ
ଲଙ୍ଘିଥିଲେ ଜ୍ଞାନ ବିଜ୍ଞାନର ଶେଷସୀମା
ଦେଖାଇଲେ ଜଗତର ଚରମ ଉତ୍କର୍ଷ
ସେହି ବୀର ଜାତି ଶ୍ୱାନ ଶୃଗାଳ ସମାନ
କ୍ଷୁଦ୍ରଜାତି ସଂଘ ପଦେଲେହନ ପ୍ରୟାସୀ ।
“ଅସମ୍ଭବ ଅସମ୍ଭବ” ଦେଲା ପ୍ରତ୍ୟୁତ୍ତର
ମହାଦର୍ପେ ଉପସ୍ଥିତ ବିଶାଳ ଜନତା ।
ଶୁଣ ସର୍ବେ ଜର୍ମାନର ବୀର ଯୋଦ୍ଧୃବୃନ୍ଦ
ଫରାସୀ ଜର୍ମାନ ଘାଟୀପ୍ରାନ୍ତ ସୀମାଦେଶ
ଶତ୍ରୁପକ୍ଷ ଆକ୍ରମଣ ଘୋର ଘାଟୀସ୍ଥଳ
ବାଣିଜ୍ୟ ପୋତସଙ୍କୁଳ ରାଇନ୍ ତରଙ୍ଗିଣୀ

Digitized by srujan ka@gmail.com

ପାର୍ଶ୍ୱଦେଶବ୍ୟାପୀ ସ୍ୱର୍ଣ୍ଣପ୍ରସୂ ଗ୍ରଇନ୍‌ଲଣ୍ଡ
ନିରସ୍ତ୍ରୀକରଣାଦେଶ କର ହେ ଅବଜ୍ଞା
ଜାତିସଂଘେ କରି ପଦାଘାତ ଦେଖାଇବା
ଭୂମଣ୍ଡଳ ଜୟଲିପ୍ସୁ ନାଜି ପରାକ୍ରମ
ପ୍ରବଳର ପ୍ରତିରୋଧ କରିବା ସୁଯୋଗ
ଅଶ୍ରୁତ ଅଦୃଷ୍ଟପୂର୍ବ ଅସୀମ ସାହସ
ଭୀମକାନ୍ତ ରଣାନଳ ଜଳୁ ଭୂମଣ୍ଡଳେ
† ମରିବାକୁ ଆର୍ଯ୍ୟସୁତେ ନକର ଶୋଚନା
ଏ ଶୁଭ ବାସରେ ଶୁଭ ସଂଦେଶ ଶୁଣାଇ
ନେଇ ମୁଁ ବିଦାୟ ପ୍ରିୟ ଜନର ମଣ୍ଡଳୀ
ଧୀର ହିଟଲର୍ ଜୟ ଜୟକାର ନାଦେ
କମ୍ପିଗଲା ନାଜିରାଜ୍ୟ ଆକାଶ ଅବନୀ
ସ୍ତବ୍ଧ ଜଗତେ ଲଭି ପ୍ରଳୟ ତାଣ୍ଡବ
ଗ୍ରସିଲ ନାଜୀବାହିନୀ ବୀରମଦେ ମତ୍ତ
ଇତିହାସ ଖ୍ୟାତ ଗ୍ରଇନ୍ ଲାଣ୍ଡ ଅଭିମୁଖେ

—*—

† ହିଟଲର ଜର୍ମାନ୍ ଜାତିକୁ ଆର୍ଯ୍ୟ ବଂଶୋଦ୍ଭବ ବୋଲି କହୁଥିଲେ ।

ମହା ପ୍ରୟାଣେ

ହେ ମହାମାନବ ତବ   ଏ ମହା ପ୍ରୟାଣେ
ମ୍ରିୟମାଣ ସସାଗରାଧରା
ଦଳିତ ଲାଞ୍ଛିତ   ନିଷ୍ପେଷିତ ଜନ ଗଣ
ଜଗତର କୋଟି ସର୍ବହରା ।୧।

ଭୀତତ୍ରସ୍ତ ପ୍ରାଣେ   ଶୁଣାଇଲ ମହାବାଣୀ
ଜାଗ ଜାଗ ଦୀନଦୁଃଖୀ ବୀରଇ
ଅତ୍ୟାଗୃସ୍ତ ଶାସନର   ଦାସତ୍ୱ ଶୃଙ୍ଖଳ
ଛେଦନାହିଁ ଅବନତ ଶିରେ ।୨।

ସଞ୍ଜୀବନ ଦେଲା ତବ   ଅଭୟ ସ୍ୱପନ
ଯୁଗ ବ୍ୟାପୀ ମୋହନିଦ୍ରା ଶେଷେ
ଭୂମିକମ୍ପ ପ୍ରଳୟର   ଘୋର ଘନଘଟା
ଭିଆଇଲା ଏ ନିଖିଳ ବିଶ୍ୱେ ।୩।

ସତ୍ୟର ମଶାଲଧାରୀ   ହେ ମହା ପୁରୁଷ
ଦେଖାଇଲ ଅନ୍ଧକାରେ ପଥ
ଅତ୍ମହରା ସର୍ବହରା   ଚାଲିଲା ଅଲୋକେ
ପୂର୍ଣ୍ଣଅଣେ ତାର ମନୋରଥ ।୪।

ଯୁଗଜ୍ୟୋତି ଅହିଂସାର   ସମର ପ୍ରାଙ୍ଗଣେ
ଥିଲ ସତ୍ୟ ଶାନ୍ତି ଅଗ୍ରଦୂତ
ପ୍ରାଣାରାମ ରାମ ନାମ   ଜପି ରାମପଦେ
ମିଶାଇଲ ଆତ୍ମା ପଞ୍ଚଭୂତ ।୫।

Digitized by srujan ka@gmail.com

ଯେଉଁ ପଥେ ଭ୍ରମିଗଲ ଯୁଗ ଅବତାର
ପଡ଼ିଗଲା ଶାନ୍ତ ପଦରଜ
ନିଖିଳ ଭୁବନ ମାର୍ଗେ ସେହି ପଦ ରେଣୁ
ଜନଗଣ ମନ ଅଧିରାଜ ।୬।

ପୁନାର ଭାରତ ସିନା ହୋଇଥିଲା ତୂନା
ବିଶ୍ୱକର୍ମା ଦେଲ ପୂର୍ବ ରୂପ
ଭାରତର ଭାଗ୍ୟଧାତା ଅବସ୍ଥାର ଶେଷେ
ଲଭିଇଲ ତାପସ ସ୍ୱରୂପ ।୭।

ମାନବ ଶରୀରେ ଦେବ ତବ ଅବସ୍ଥିବ
ଥିଲ ତୁମ୍ଭେ ସରଗ ଦେବତା
ସୁଭୂଷିତ ଧଅ ତାଜ ବିଶ୍ୱବଶେ
ବିଶ୍ୱଜନ ପରାଣ-ସ୍ୱଭତା ।୮।

Digitized by srujan ka@gmail.com

ବାହ୍ଲାଦୂରଙ୍କ ଘୋଷଣା

ତମମାନ ଶାସନେ ଶୁଣ ପ୍ରଜାବୃନ୍ଦ
ଅଛୈ ନାଚଦେଲେ ସାନ୍ଧ ନାନ୍ଧ
ଅଗଣିତ ସ୍ଥଳେ ଢଳେ ଗଞ୍ଜ୍ୟଚ୍ୟୁତ
ସତ୍ତ ଦେଇ ନିଃସନ୍ତାନ ଦ୍ରାନ୍ଧ ।

ବଳଭ ଫସଲରେ ଚୋମମାନ ନୌବରେ
ଫେରିଗଲେ ଦ୍ୱୋଭ ଲକ୍ଷପତ୍ତ
ସ୍ୱର୍ଣ୍ଣପ୍ରସୂ ଦେଶ ଜଲେ ନାରଖାର
ଲୁଣ୍ଠନ ସ୍ୱଭାବ ପ୍ରାଜନମଢ ।

ସ୍ୱଦେଶୀ ବେପାରୀ ଜାଣିଥିଲ୍ଲ ଦାଏ
ଦ୍ୱେବ ଏକଛତ୍ର ଅଧୀଶ୍ୱର
ଅସ୍ତାଚଳ ଶିରେ ବୁଡ଼ିଯିବ ଖରେ
ଗୌରବ ତପନ ସ୍ୱରତର ।

ଭେଦନୀତି କୂଟ ସାଜନୀତି ବଳେ
ଜଲେ ଏ ଦେଶକୁ ଶତଖଣ୍ଡ
ଵର ସ୍ୱସଙ୍କାନ୍ତ ଗୃହୀ ହୁଲ ହେଲେ
ଵର ଅତ୍ୟାଗ୍ରହ ଲଣ୍ଡଭଣ୍ଡ ।

. ଲକ୍ଷଲଣ୍ଡିଅ ତମାନ୍ଧ ।

ସଙ୍ଗୀନ ମୂନରେ   ଘଇତ ପାଇଲେ
ଏ ହତା କେପାଗ୍ର ମଣ୍ଡ୍ରପାଳ୍
ଖଜୁରୀ ଗଛର   କସ ବାନ୍ଧୁନିବା
କମ୍ବଳଧାଯାଙ୍କ ଲୁହାବା'ଳ

ଶିଳ୍ପ ସମ୍ଭାରର   ଖ୍ୟାତ କାହଗରେ
ହେଲେ ବିଳାଙ୍ଗ ଅସ୍ପୃଶ୍ୟନେ
ଦୁର୍ଭାଗ୍ୟ ଏ ଦେଶ   ବସ୍ତ୍ରଦାତା ହେଲ
ମାଞ୍ଚେଷ୍ଟର କଳ କଉଣଲେ ।

ସପ୍ତ ପାରାବାର   ପାରିକୁ ଅସିଲ
ଲିଭରପୁଲ୍‌ର ସପାଲ୍ଟଣ
ଏ ଦେଶ ଲବଣ   ପୋକ୍ତନ ଉଠିଲ
ଝୁରିଲେ ପ୍ରଜାଏ ଗାଳଗୁଣ ।

ଉଠିଲେ କଥିଲା   ପଦରୁ ବାଲିକ
ବିଶାଳ ଭାରତ ଗଭର୍ଣ୍ଣର
ସେନାପତି ପାଶେ   ପ୍ରକାଶିଲେ ଖେଦ
ମନଫୋଟେ ବୃକ୍ଷ + ରସ୍ଲଦର ।

କଳା ଗୋରା ଭେଦ   ବର୍ଣ୍ଣ ବୈଷମ୍ୟ
ସାମ୍ରାଜ୍ୟବାଦ ଭେଦ ନୀତି
କାଳକୂଟ ହଳା-   ହଳ ସ୍ରାବୀ ଦେଶେ
କଲା ଧ୍ୱଂସ ବିଧରମୀ ପ୍ରୀତି ।

ଓ୍ୟାଭର ଖାଁ ରସଲଦାର ସାର୍ ଜର୍ଜ କାମ୍ବେଲଙ୍କୁ ଦୁଃଖ କରି କହୁଥିଲେ, ରସଲସା'ର ପଦରେ ମୃତ୍ୟୁବରଣ ହୋଇ ଅଜୀବନ ସେହି ପଦରେ ରହିଲି । କଳା ଲୋକର ଜୀବନରେ ଉନ୍ନତିର ଆଶା ନାହିଁ ।

Digitized by srujan ka@gmail.com

ସ୍ୱଦେଶୀ ବିଦ୍ୱେଷ   ଜଳନ୍ତି ହିନ୍ଦୁଙ୍କ
ଯାଗ ଭାରତର ମର୍ମସ୍ଥଳେ
ହେଲା ଜନରବ   ଫିରିଙ୍ଗି ସୈନ୍ୟ
ଅଳ୍ପ ଦିନ ଆଉ ଧରାତଳେ ।

"ପଲାସୀ ସମର   ହେଲା ଶତବର୍ଷ"
ଶୁଣାଇଲା ପଣ୍ଡି ପାଞ୍ଜିକାର
କୋମ୍ପାନି ଅମଲ   ଶେଷହେଲା ଭାଇ
ସବେଁ ମିଳକର ଖଣ୍ଡକାର ।

ହରଣ ସ୍ୱଧର୍ମ   ବିଧର୍ମୀ ଗଢ଼ିବ
ଦେଶ ମାଟିରେ ବିଲାତ ଦେଶ
ଗୋ ଶୂକର ଚର୍ବି-   ଲିପ୍ତଟୋଟା ଦେଇ
ହିନ୍ଦୁ-ମୁସଲ୍‌ମ ଧର୍ମ ଧ୍ୱଂସ ।

ସମର ଦୁନ୍ଦୁଭି   ବାଜିଲା ସଘନେ
ଆକାଶ ପୃଥ୍ୱୀ ଉଠିଲା ଥର
ବିଦ୍ରୋହୀ ହୋଇଛି   ଭାରତ ସନ୍ତାନ
ଦସ୍ୟୁ ଇଂରାଜ ଶାସନ ଅର ।

ହୃଦରେ ଜଳିଲା   ବିଦ୍ରୋହ ଅନଳ
ବାହାରିଲେ ନେତା ଉପନେତା
କଠୋର ଶପଥ   ନେଲେ ପ୍ରତିହିଂସା
ପ୍ରତିହିଂସା ହେଲା ସାରକଥା ।

ରାଜା ଜମିଦାର   ଅମିର ନବାବ୍
ହିନ୍ଦୁ-ମୁସଲମ ଦୁଇ ଭାଇ
ସ୍ୱଦେଶ ପ୍ରେମ ଭୋଳେ   ଅଗଣ୍ଡ ତାଡ଼ନେ
ଦେଲେ ଆତ୍ମବଳୀ ଦେଶ ପାଇଁ

Digitized by srujan ka@gmail.com

ସମ୍ରାଟ ସଙ୍ଗଥେ ବିରାଟ ବିଦ୍ରୋହୀ
ଜନତାର ହେଲା ସମାବେଶ
ସ୍ୱାଗତ ସନ୍ଦେଶ ଜଣାଇଲେ ମୋଦେ
ଶେଷ ପଲ୍ଲୀଗଣ ଜଗଦୀଶ । *

ବୟୋବୃଦ୍ଧ ଦଲ୍ଲୀଶ୍ୱର ବାହାଦୁର
ମୋଗଲ ସମ୍ରାଟ ଖ୍ୟାତବଂଶ
ଦେଶ ସ୍ୱାଧୀନତା ପ୍ରଥମ ଆହବେ
ଶ୍ୱେତାଙ୍ଗ ବିପକ୍ଷେ ନେଲେ ଅଂଶ ।

ହିନ୍ଦୁ ମସ୍‌ଲିମ ଯୁଝା ପୁଞ୍ଜ ସମ
ଶୁଣ ଶୁଣ ସର୍ବେ ସ୍ଥିର ମନେ
ଗୋମାତା ହନନ ନିଷେଧ ଆଦେଶ
ଜଣାଅ ଏଦେଶ ବାସୀଗଣ ।

ଶୂକର ସମାନ ଗଣ ଧେନୁ ମାଂସ
ଦ୍ୱାହିଦଏ ଖୋଦା ଇସଲାମ
ଜନତା ଜଣାଏ ହୃଦୟ ସମ୍ମତ
ଜୟକାରର ନାହିଁ ବିରାମ ।

ଏକବୃନ୍ତେ ଦୁଇ ଫଳ ଦୁଇଜାତି
ଭାରତ ଜନନୀ ରମ୍ୟଅଙ୍କେ
ହୁଅ ସାବଧାନ ନମନ୍ତୁ ଫିରିଙ୍ଗୀ
ନିର୍ମମ ଶାସକ ପାପ ପଙ୍କେ ।

---

* ଦିଲ୍ଲୀସମ୍ରାଟଙ୍କୁ ଦିଲ୍ଲୀଶ୍ୱରୋ ବା ଜଗଦୀଶ୍ୱରେ କୁହାଯାଉଥିଲା ।

Digitized by srujan ka@gmail.com

ତର ସ୍ୱାତନ୍ତ୍ର୍ୟଦେବ ନ ହେଉରେ ଭକ୍ତ
ହେବ ସୁଧାସିକ୍ତ କର ହୃଦ
ଶତ୍ରୁରକ୍ତେ ଯେନ ଇଙ୍ଗଟର ଛଡା
ହିନ୍ଦୁ-ମସ୍‌ଲମ ବୀର-ବୃନ୍ଦ ।
ଭାମ୍ୟମମ ହିନ୍ଦୁ- ସ୍ଥାନ ସ୍ୱାଧୀନତା
ମୁକ୍ତକର ବା ନ କର ଧ୍ୱଂସ
ଝର ଧନ ଦ୍ୱାସ୍ଥ ପରଶ୍ରୀ କାତର
ଶ୍ୱେତାଙ୍ଗ ଫିରଙ୍ଗୀ ଯକ୍ଷ ବଂଶ ।

ନାହିଁ ମୋ ବାସନା ଛତ୍ରପତି ପଦେ
ମାନବ ସ୍ୱାଧୀନ ସ୍ୱସ୍ତ୍ରଦେଶ
ଦେଶସ୍ଥ ଶାବକ ନହୁଅ କଦାପି
ସ୍ୱୀକୃ କାପୁରୁଷ ରଣ ମେଷ ।

ସ୍ୱଜାତୋଷେ ନାହିଁ ସଞ୍ଚିତ ସମ୍ପଦ
ସମୃଦ୍ଧ ବିପଦେ ହେବ ବ୍ୟୟ
କହିବଲେ ବୀରେ ମୋଗଲ ସମ୍ରାଟେ
"ସେଥିକର ନାହିଁ ଛଲେ ଭୟ" ।

ଲୁଣ୍ଠନ କରିବୁ ସହସ୍ର ସହସ୍ର
ଫିରଙ୍ଗୀର ଯେତେ ଧନାଗାର
ଦେବତା ଯେତେ ଅର୍ଥ · ତାହାକୁ ଶ୍ରୀପଦେ
ତବ ନେତୃପଦ ପୁରସ୍କାର ।

ମା ଭୈଃ ମା ଭୈଃ ରବେ କମ୍ପିଲା ଭାରତ
ଆକାଶ ଅବନୀ ଦିଗ୍‌ମଣ୍ଡଳ
ହାହା ହାହା ଡାକେ ଫିରଙ୍ଗୀ ସକଳ
ଅନ୍ଧକାର ଦେଖେ ଭୂମଣ୍ଡଳ ।

Digitized by srujan ka@gmail.com

ବନ୍ଦୀଶାଳା ଫିଟି ଶଦ୍ରୋହ ବନ୍ଦୀଏ
ମୁକ୍ତମୁକ୍ତଙ୍କ ହେଲେ ଅଗ୍ରସର
ଶୋଣିତ ପିପାସୁ ଢୋଟ ବିପ୍ଳବୀର
ପଦଭରେ ପୃଥ୍ୱୀ ଥରହର ।

ଅହମ୍ମଦ ସାହା ରାଣୀ ଲକ୍ଷ୍ମୀବାଈ
ନାନାସାହେବ ତାନ୍ତିଆ ଟୋପି
ଖାଁ ଅଜିମୁଲ୍ଲା କୁମାର ସିଂ
ମଙ୍ଗଳ ପାଣ୍ଡେ ନେତୃତ୍ୱ ସ୍ଥାପି ।

ଗର୍ଜିଲେ ବାହୁନୀ ଶଙ୍ଖ ଝଂକାରନେ
ରୁଧିରକ୍ତ ହେଲ ରଣାଙ୍ଗନ
ଈଶ୍ୱର ଅଲ୍ଲା ଏକହି ଶୁଭଲଗ୍ନ
ହିନ୍ଦୁ ମୁସଲମ ମହାମିଳନ ।

ଧନ୍ୟ ହିନ୍ଦୁସ୍ଥାନ ସହିଦେ ଦେଇଛ
ସ୍ୱାଧୀନତା ଯଜ୍ଞେ ପୂର୍ଣ୍ଣାହୁତି
ଦେଇ ଧନପ୍ରାଣ ଭାରତବାସୀର
ଭକ୍ତି ସ୍ନେହଭର ପ୍ରଣତି ।

ସିପାହୀ ବିଦ୍ରୋହ ସଂକୀର୍ଣ୍ଣ ଆଖ୍ୟାରେ
ଫିରିଙ୍ଗୀ ରଚିତ ଇତିହାସେ
ଗଣ ଆନ୍ଦୋଳନ ଭାରତର ହସ
ଜାଗୃତା ସୁରଭିତ ବାସେ ।

—×—

Digitized by srujan ka@gmail.com

ଜବାହରଲାଲ୍

(୧)

ଭାରତ-ଜନନୀ ପ୍ରିୟ ସୁଯୋଗ୍ୟ ନନ୍ଦନ
ସ୍ୱଦେଶ ସ୍ୱର୍ଗ୍ୟଆକାଶ ଗୌରବ ତପନ
ପଣ୍ଡିତ ନେହେରୁ ବଂଶ ସୁଧୀ ଶିରୋମଣି
ଶାନ୍ତିସତ୍ୟ ସ୍ନେହ ସାମ୍ୟ ଦୟାକ୍ଷମା ଖଣି
ଜବାହରଲାଲ ଧନ ନିଖିଳସ୍ୱ ଗତ
ଯେନ ଧନ ଅକିଞ୍ଚନ ଅଶେଷ ପ୍ରଣତ

(୨)

ମହାତ୍ମାଙ୍କ ପଟ୍ଟଶିଷ୍ୟ ଅହିଂସାବିଜୟୀ
ସୁବୁଧ ବକ୍ତା ସୁଲେଖକ ଜ୍ଞାନମୟୀ
ପ୍ରୟାଗ ତୀର୍ଥ ସଲିଳେ ନିତ୍ୟ ଅବଗାହ
ସ୍ୱାର୍ଥଲୋଭ ମୋହ ପାପରାଶି ଦେଲ ଧୋଇ
ବାତ୍ୟାମୟ ଦୁର୍ଦ୍ଦିନର ଦକ୍ଷ କର୍ଣ୍ଣଧାର
ଯେନ ଜନସ୍ଥାନଜନ କୋଟି ନମସ୍କାର

(୩)

ବିଦେଶୀ ଦମନଲୀଳା କଲ ଉପହାସ
ଜୀବନ୍ତ ଜାଗୃତାର ଅନଳ ସଂକାଶ
ଭୋଗିଲ ଅନନ୍ଦେ ବହୁ ଦୀର୍ଘ କାରାବାସ
ନହେଲ ଜୀବନେ ପରାଧୀନ କ୍ରୀତଦାସ

Discovery of India, Glimpses of World History; Unity of India ପ୍ରଭୃତି ଏହାଙ୍କର ଉତ୍କୃଷ୍ଟ ଗ୍ରନ୍ଥ ।

ପାକସ୍ଥାନରୁ ଆସୁଥିବା ଶରଣାର୍ଥୀମାନଙ୍କ ପାଇଁ ସର୍ବସ୍ୱ ତ୍ୟାଗ କରିଅଛନ୍ତି ।

Digitized by srujan ka@gmail.com

ଆହୁକ ଆସ୍ୱର୍ଗେ ଦେଇ ବର ଜଳାଞ୍ଜଳି
ଢେଳ ଦାନସ୍ଥାନ ଛୁଦ ଭକ୍ତ ପୁଷ୍ପାଞ୍ଜଳି ।

(୪)

ଲଲନା କୁଳମଣ୍ଡନା କମଳା ବରଦ୍ଧ
ଅଣିଲ୍ଲ ତାପିତ ପ୍ରାଣେ ଶୋକ ଅବରଦ୍ଧ
ଧୀରବ୍ଧି ର ଲକ୍ଷତବ ସ୍ୱାଧୀନତା ଯୁଦ୍ଧେ
ଯୁଝିଲେହେ ସବ୍ୟସାଚୀ ଅହିଂସା ଅଧ୍ୟୁଧେ
ସଙ୍ଗୀତ ବିଶାରଦ ନେତୃ ବିଶ୍ୱଖ୍ୟାତ
ତସ୍ମାବହୁ ଢେଳ ଦାନ କୋଟି ପ୍ରଣିପାତ

—o—

ମହତ୍ ସ୍ମୃତି

churt I937 November Luisfischer ଙ୍କ Men of Politicsରୁ ଗୃହୀତ

ନାଙ୍ଗ ବଳ ସେବା   ବାଦ ଭସ୍ମୀଭୂତ
ଇଉରୋପ ମହାଦେଶ
ପରିବର୍ତ୍ତିନର   ଶୋର ଢନଘଟା
ପ୍ରଳୟେ ହେବକି ଶେଷ ।

ମୁସୋଲିନୀ ସେନା   ଇଥିଓପିଅରେ
ଦେଖାଇଲେ ଅସ୍ତ୍ରବଳ
ରଜା ସିଂହାସନ   ଛାଡ଼ିଗି ବଳତ
ଅଶ୍ରୁପୂ କଟଳ ସମ୍ବଳ

Digitized by srujan ka@gmail.com

ଇଟାଲି ସଖ୍ୟତା ଲଭି ଅଣେ ଫ୍ରାନ୍ସ୍
ଦେଲା ସନ୍ଧି ସଙ୍କେତ
ଘଡ଼ୀ ଲୁପ୍ତା ସଙ୍ଗେ ଚାଲୁଥାନ୍ତି ହବ
ଏହାଙ୍କ ଦେବ ଇଙ୍ଗିତ ।

ବ୍ରିଟିଶ କେଶରୀ ଗର୍ଜିଲା ପ୍ରଚଣ୍ଡ
ଡୋଭର ପ୍ରଣାଳୀ ପାରେ
+ ନସ୍କାଣ୍ଡି ଅଙ୍ଗ ପକ୍ଳଢ ଦଶନ
ସେ ଅବା କ କରିପାରେ ।

ବ୍ରେନର ଘାଟୀରେ ଭେଟିଥିବେ ଅବା
ହିଟଲର ମୁସୋଲିନୀ
ସ୍ପେନ ଅବମତଣ ଫ୍ରାଙ୍କୋ ପଛରେ
ଗୃହିଲେ ନାଜି ସଙ୍ଗୀ ।

କେତେ ଲୁଷ୍ଠିଅଛି ସର୍ବମୟକର୍ତ୍ତା
ଷ୍ଟାଲିନ୍ ସାମ୍ୟବାଦୀ
× ଟ୍ରଟସ୍କି ଭ୍ରମରେ ବଧେ ଲକ୍ଷ ଲକ୍ଷ
ନିଜ ମତ ପ୍ରତିବାଦୀ ।

ପ୍ରତି ବେଣୀ ଦେଶ ଦେଖନ୍ତି ଚକିତେ
ରୁଷ ନରମେଧ ଯଜ୍ଞ
ଅଙ୍କ କର୍ମ ଦ୍ୱୋପ୍ରାନ୍ତରେ ଅଟସ୍ତହଣ ନେତାଏ
ହୁଅନ୍ତି ବଳି ।

+ ଏହି ସମୟରେ ଇଟାଲିର ଇଂରାଜ ବିଦ୍ୱେଷ ଅତି ପ୍ରବଳ ହୋଇଥିଲା ସେମାନେ ଥଟ୍ଟା କରି କହୁଥିଲେ—When the British lion Roars you can See his false teeth.

× Great purge of C. Russai.

Digitized by srujan ka@gmail.com

ଜେନେରଲ୍ ଫ୍ରାଙ୍କୋ ଜାଳେରଣ ବହ୍ନି
ସ୍ପେନ ଦେଶ ଜାରଖାର
ମୁସୋଲିନୀ ନାତ୍ସି ଜଗ୍‌ଦଳସ୍ଥି ଫୌଜ
ଅଗ୍ରଗତ ଦୁର୍ନିବାର ।

ଦୁଇ ଉଗ୍ର ସଙ୍ଘ ଦ୍ୱନ୍ଦ୍ୱର ମଧ୍ୟେ
ହୋଇଛି ସଖ୍ୟତା ସନ୍ଧି
ଦୁର୍ଭେଦ୍ୟ ଦୁର୍ଦ୍ଦାନ୍ତ ପାଷାଣ ହୃଦୟ
ଦୃଢ଼ଗାଢ଼ ଅଭସନ୍ଧି ।

କଏ ଜାଣିଥିଲା ଶାନ୍ତରେ ବର୍ତ୍ତିବ
ଅଶାନ୍ତର ହଳାହଳ
ଅସିବ ଅଚରେ ଜଗତ ବଧ୍ୱଂସି
ଦ୍ୱିଗସ୍ତ ସମରନଳ ।

× ଅଜାଣ ବାହୁନୀ କରନ୍ତ ପରୀକ୍ଷା
ମାରଣାସ୍ତ୍ର ଫଳାଫଳ
ସାଧାରଣ ଜନ ସ୍ପେନ ପାଲଟିଛି
ରଣଚଣ୍ଡୀ କ୍ରୀଡ଼ାସ୍ଥଳ ।

ଜାତି ସଂଘ ପାଶେ ସ୍ପେନ ସସ୍ୱପକ୍ଷ
କଲେ ଯେତେ ଅଭିଯୋଗ
ଦୁର୍ଯ୍ୟୋଗେ ସବୁଏଁ ନିରପେକ୍ଷ ରହି
କରିଲେ ଅସହଯୋଗ

× ୨ୟ ଜର୍ମାନ ଯୁଦ୍ଧର ନାତ୍ସି ମାରଣାସ୍ତ୍ର ସବୁ ସ୍ପେନ୍‌ରେ ପରୀକ୍ଷା କରାଯାଇଥିଲା ।

Digitized by srujan ka@gmail.com

ଅଗଣିତ ସ୍ୱାଜଅର୍ଥ ବୀ ର ବୃ ନ୍ଦ
ବଇନ୍ତି ମରଣପଣ
ଦେଶଦ୍ରୋହୁ ପ୍ରାଣୋ ନାଲଫୌଜ ସଙ୍ଗ
କରବେ ତୁମୂଳ ରଣ ।

ବର୍ଷ ବର୍ଷ ଧର ଗୃଜନ୍ତ ସଂଗ୍ରାମ
ନ ଥାଏ ଅସ୍ତ୍ରାଦବଳ
ମନୋବଳେ ମହାବଳୀ ବୀରଗଣ
ରଖିଥାନ୍ତି ଘାଟିସ୍ଥଳ ।

ସ୍ୱାଧୀନତା ମହାଟନ ଦେଁ ନ ସୁଦେହୁଁ
କେ ହେବରେ ପରାଧୀନ?
ହୁଦ ଭନ୍ଦୀତାରେ ଭେକା ଜବାଏରେ
ସ୍ୱାଧୀନତା ପନ୍ଥଇନ୍ୟ ?

ଜୀବନ ସଂଗ୍ରାମ ଲଗିଛି ସତତ
ସେହୁ ସ୍ୱାଧୀନତା ପାଇଁ
ଡାଳଲୀ ଛଲରେ ଉଡ଼େ ପକ୍ଷୀ ନଭେ
ସ୍ୱାଧୀନତା ଗୀତ ଗାଇ ।

ସ୍ୱନାମ ଧନ୍ୟ ସେ ସ୍ୱାଧୀନତା ମୂଳେ
ଅନନ୍ଦେ ଯେ ଦଏ ପ୍ରାଣ
ତାର ଇତିହାସେ ରହେ ଯୁଗେ ଯୁଗେ
ଚିରସ୍ମରଣୀୟ ନାମ

ସ୍ୱୀୟ ଭର୍ମାଣ ସର୍ବୁଗେ ଲଭୁଛି
,ପତାର ଦେଇଛି ଛଡ଼
ଜବାର ସ୍ୱରାଜ୍ୟ ପରପଦାନତ
ଜୋନ୍ତୁ ସ୍ୱାଜଅର୍ଥ ଭାଉ ।

Digitized by srujan ka@gmail.com

× ନେଗ୍ରିନ୍ ସମୀପେ ଅର୍ପିତ ସନ୍ଦେଶ
ପ୍ରେରିଲେ ମହାତ୍ମାଗାନ୍ଧୀ
ସ୍ୱରକ୍ଷୁ ସାହାଯ୍ୟ ପ୍ରେରିଲେ ଉଦର
ସ୍ପେନ ମହାଦୁଃଖେ ବାଢ଼ ।

ବଙ୍ଗ ପୁଟଲେଖକ ଅମେରିକା ବାସୀ
ଲୁଇସ୍ ଫିଷ୍ଟର ସ୍ୱଭ
ହୋଇ ସମଦୁଃଖୀ ସାହାଯ୍ୟ ଆଶାରେ
ଅସିଲେ ବଲ୍ଲଭେ ଧାଇଁ ।

ପାର୍ଲିଅମେଣ୍ଟ ମୁଖ୍ୟ ମନ୍ତ୍ରୀ ସଙ୍ଗସବେ
ସ୍ପେନ ସମର ସନ୍ଦେଶ
ଶୁଣାଇଲେ ସତ ଲଭ କହୁନାହିଁ
ସାରହେଲା ବୃଥା କ୍ଲେଶ

ନାଗ ପ୍ରଭପେ ନଥିଲା ସାହସ
ଅଣ୍ଟାରେ ନଥିଲା ବଳ
ହିଟଲର ମନ ଉଛ ଟ କରନ୍ତ
ଚ୍ୟାମ୍ବର୍ଲିନ ମନ୍ତ୍ରୀବର

ସନ୍ଧିପରେ ସନ୍ଧି ଭଅଇ ଖ୍ୟବନ୍ତ
ଶାନ୍ତ ଅଖିଳ ଜଗତ
ତୁଦ ଅନ୍ତନ୍ୱଟଇ ରଖିଥାଏ ନାକ
ମାରଣ ଅସ୍ତ୍ର ଗୁପତେ

ଫାସିବାଦ ଧ୍ୱଂସ ଅର୍ଦ୍ଧପାନ ଲାଗି
କାହାର ନ ଥାଏ ମନ
ବୃଦ୍ଧ ଚ୍ୟାମ୍ବର୍ଲିନ ଡହନ୍ତ ଉଦ୍‌ବେଗେ
'ଶାନ୍ତ ଶାନ୍ତ ଉଚ୍ଚାରଣ ।

× ସ୍ପେନର President Dr Negrin

Digitized by srujan ka@gmail.com

ସେବନ ଯାଉଛୁ ପ୍ରଥମ ସମର
ପ୍ରତିକ୍ରିୟା ଶତମନ୍ୟୁ
ସଢ ସରକାର ପୋଷେ ଲକ୍ଷ ଲକ୍ଷ
ଶ୍ୱାନଖଞ୍ଜ ନରଶ୍ରମୁ ॥

ରଣ ବଢୀଷିକା ଦୁଃସ୍ୱପ୍ନ ଦେଖନ୍ତି
"ଇଉରୋପ ରଣଯାଜୀ"
ବନଦ୍ର ରଜନୀ କେତେ କେତେ ପାନ୍ଥ
କେତେ ମହାକାଳ ଯାତ୍ରୀ

ଦଳିତ ଲୁଣ୍ଠିତ ସ୍ୱପ୍ନ ବାସୀପରେ
ନପାଂଢ଼ କାନ୍ଧାର ଦୃଷ୍ଟି
ଦନ୍ତ୍ୟାଗ କର୍ତ୍ତା ପାଶେ ହୁଏ ନଷ୍ଟ
କ୍ଷମତାସୁମନ ବୃଦ୍ଧି ॥

ମିଷ୍ଟର ଲ୍ୟଉସ ମିଳିଲେ ଶେଷରେ
ଗୁରୁଚର୍ଚ୍ଚ ଗୃହଘରେ
ଇଏଚ୍ କର୍ଜଙ୍କ ପକ୍ଷିବାସ ସୌଧ
ପୃଥ୍ୱି ଶସ୍ୟ ସମ୍ଭାରେ ।

କେତେ ବୃଦ୍ଧ ମନ୍ତ୍ରୀ ଚଳାନ୍ତି ଟ୍ରାକ୍ଟର
ଦାସଦାସୀ ସଙ୍ଗେ ଘେନି
ଛୁଡାନ୍ତୁ ଏ ଦେଶ ବାବୁଏ କାହିଁକି
ଏତେବଡ଼ ଅଭିମାନୀ ?

ଧର ସର ଶନ କରନ୍ତି ନର୍ଲଜେ
ଦଳକୁ ଫାଟିଏ ଛଳ
ପେଟର ଜଳନ କହୁଥାନ୍ତି ଦଳେ
ପରଧନ ଖାଇ ଖାଇ

Digitized by srujan ka@gmail.com

ଅଭ୍ୟର୍ଥନା ଶେଷେ ମାନ୍ୟବର ମନ୍ତ୍ରୀ
ପଣ୍ଡିଲେ ସ୍ନେହକଥା
ଅଶାନ୍ତିର ବହ୍ନି ଜଳେ ମର୍ମସ୍ଥଳେ
ପାଇଲେ ଦାରୁଣ ବ୍ୟଥା

ପ୍ରଥମ ଭୀଷଣ ମହାରଣ ଛବି
ପ୍ରକୋଷ୍ଠେ ଦୋଦୁଲ୍ୟମାନ
ପ୍ରଦର୍ଶିତ ଥାନ୍ତି ସ୍ୱୟଂ ଲଏଡ୍ ଜର୍ଜ
ଗଭୀର ଚିନ୍ତା ମଗନ ॥

ଉପବେଶି ଶେଷେ ସମ୍ବୋଧି ଫିସର
କହିଲେ 'ଶାନ୍ତିର ଦୂତ
ମହାତ୍ମା ଗାନ୍ଧିଜୀ ମମ ଚର୍ଚ୍ଚ ଗୃହେ
ହୋଇଥିଲେ ଉପନୀତ

ସ୍ୱାଗତ କରିଲେ ସହସ୍ର ମହିଳା
ସୌଜନ୍ୟେ ହୋଇଲେ ଖୁସି
ଏକାଳେ ମିଳିଲ ମହାତ୍ମାଙ୍କ କୋଳେ
ଉପହାର କଳାପୁଷି ।

ନିର୍ବିକାର ଚିତ୍ତ ଦେଖିଲେ ଗାନ୍ଧିଜୀ
ଜୀବଜନ୍ତୁ ପ୍ରତିଦୟା
ସନ୍ତାନ ସହିତ ତ୍ରେଜ୍ଞା ମାର୍ଜ୍ଜାର
ସମଷ୍ଟି ଗୃହ ମାୟା

ପ୍ରାଇଭେଟ୍ ସେକ୍ରେଟେରୀ ମିସ୍ ସ୍ଲେଡ୍
ଆସିଲେ ଚର୍ଚ୍ଚ ଦର୍ଶନେ
ଅଲକ୍ଷଣ ଲାଗି ଆସିଥିଲା ପୁଷି
କେଉଁ ଦେବୀ ନିମନ୍ତ୍ରଣେ

Digitized by srujan ka@gmail.com

ସେହିଦିନୁ ଅନ୍ତର୍ଦ୍ଧାନ   କେଉଁ ପଥେ
ପଢ଼ନାହିଁ ଦନେ ପ୍ରାଣୀ
ରାଖି ଚିର ସ୍ମୃତି   ଅଙ୍କା ହୃଦପଟେ
"ଶାନ୍ତିର ସେ ମହାପ୍ରାଣୀ"

ପଣ୍ଡିତ ଗୋପବନ୍ଧୁ

× × ×

ମନ୍ଦ୍ର ଲଭିନାହିଁ ତବ ଅମର କାହାଣୀ
ସରଗସୁନ୍ଦର ସଦା ପ୍ରେମମୟ ବାଣୀ
ସାବରମତୀ ଆଶ୍ରମେ ଯୋଗୀବର ଗାନ୍ଧି
ଭାରତ ଦୁର୍ଦ୍ଦଶା ଦେଖି ଉଠିଥିଲେ କାନ୍ଦି
ଡାକଦେଲେ ନେତୃଗଣେ ହେ ଭାରତବାସୀ
ଶୁଣିବାରେ ପଞ୍ଜାବର ଘୋର ଦୁଃଖରାଶି
ହିମାଚଳୁ କୁମାରିକା ବ୍ୟାପୀ ଦେଶେ ଦେଶେ
ଅହିଂସ ଅସହଯୋଗ ବ୍ୟାପୀଗଲା ଶେଷେ
ବାହାରିଲ ଏ ଉତ୍କଳେ ହୋଇ ସେନାପତି
ସମ୍ବଳିଲ ପୁରପଲ୍ଲୀ ଅହିଂସାର ନୀତି ।
ସୁଖ ସଂମ୍ଭୋଗର ଆଶା କରିଲ ବର୍ଜନ
ଧରିଲହେ ସାଧୁ ବେଶ ଖଦଡ଼ ବସନ
କେଶିଅଛୁ ତବ ଦେଶ ପ୍ରୀତି ଅନୁରାଗ
ଦେଖିଅଛୁ ଖର ରୌଦ୍ର ବର୍ଷାଶୀତ ବେଗ
ବାରମ୍ବାର କାରାବାସ ଦୁଃସହ କଷଣ
ଆନନ୍ଦରେ କରିନେଲ ଅଙ୍ଗ ଆଭରଣ
କି ଗୁଣ ଗାଇବି ତବ ହେ ହୃଦ ସବିତା
ନାହିଁ କ୍ଷମା ମୁହିଁ କ୍ଷମ ଅସାର କବିତା ।

Digitized by srujan ka@gmail.com

ବର୍ବର ଜାଣିଥାଉ ବର୍ବର ସ୍ତବନା
ଲେଖୁଥିବ ନିତ୍ୟ "ଧର୍ମପଦ" ଧର୍ମବାଣୀ
ଉତ୍କଳ ଜନନୀ ଲାଗି ହୃଦୟର ବ୍ୟଥା
ଦେଲ ଢାଳି ପ୍ରେମସ୍ରୋତେ "ବନ୍ଦୀ ଆତ୍ମକଥା"
ଉତ୍କଳର ଜନପଦ ଗିରିନଦୀ ବନ
"ମା ଅନ୍ନ" ପୀଡ଼ିତ ଦେଶ ତର ଦୁଃଖ ଦୈନ୍ୟ
କରିଥିଲ ଅସ୍ଥିର ତବ ହୃଦ କାରାଗାରେ
ଝୁରିଲ ସ୍ୱଦେଶସେବା ଅନ୍ତରେ ଅନ୍ତରେ
କେତେକେତେ କରି ତବ ଗଳ ବସ୍ତ୍ରାଗାନ
ମୂର୍ଖଦେଶୀ ପ୍ରେମେ ଶେଷେ ଦେଲେ ହୃଦାସନ
କରୁଣା କଳିତ କ୍ଷମା ଅଧାର ଅନ୍ତର
ପ୍ରେମ ଅଳଙ୍କାରେ ଦେଇଥିଲ ପ୍ରତ୍ୟୁତ୍ତର ।
ଉତ୍କଳ ଉତ୍କର୍ଷ ଆଶା ପୋଷିଥିଲ ମନେ
ନେତୃତ୍ୱରେ ତବ ଦେଶ ଲଭିଥାନ୍ତା ଦିନେ
ହେଲ ପରିଣତ ଶେଷେ ଲଭି ବାଙ୍ଗୀବତ
ଚଳିଗଲ ସୁରଧାମେ ନେତା ସତ୍ୟବ୍ରତ ।

(୨)

ଗୋପବନ୍ଧୁ ନାହିଁଅଛ ଏ ମର୍ତ୍ତ୍ୟ ସଂସାରେ
ଶୁଣିଗଲ ଘୋର ଦୁଃଖକଷ୍ଟେ "ହାହାକାରେ"
ନୟନ ସଂଶୋଧି ତାର ବନ୍ୟା ଅଞ୍ଚଳରେ
ଭ୍ରମୁଅଛ ପ୍ରେତରୂପେ ଦୀନଦୁଃଖୀ ଘରେ
ନୀରବ କଣ୍ଠେ ଗାଇ ଦରିଦ୍ର ଦୁର୍ଗତି
ଅଶ୍ରୁସିକ୍ତ ଗଣ୍ଡସ୍ଥଳ ହୃଷ୍ଟ ପ୍ରତିମୂର୍ତ୍ତି
ଅନୁସରି ପରମେଶ ପରମ ସରଣୀ
ଦେଖାଇଲ ଏ ଉତ୍କଳେ କର୍ମର କରଣୀ

Digitized by srujan ka@gmail.com

କର୍ମକ୍ଷେତ୍ର ରୂପେ ବରି ଝୁରୀଅନା ବନ
ଜଣ ସାକ୍ଷ ମନେ ସାକ୍ଷୀ ଗୋପାଳ ଚରଣ
ଯେଉଁ ସଙ୍ଗେ ପ୍ରିୟ ଅନୁରକ୍ତ ବନ୍ଧୁଜନ
ସ୍ଥାପିଗଲ ସତ୍ୟବାଦୀ ବିଦ୍ୟାନିକେତନ
ଦେଖାଇଲ ତ୍ୟାଗପୂତ ଅପୂର୍ବ ନମୁନା
ବିଳାସ ଜଡ଼ତା ମୋହପାଶ ଏକମୁନା
ବ୍ୟାପିଥିଲା ଦେଶେ ଦେଶେ ବିଦ୍ୟାଳୟ ନାମ
ସହସ୍ର ସହସ୍ର ଛାତ୍ର ହେଲେ ପୂର୍ଣ୍ଣକାମ
କାନ୍ଦୁଛୁ ନିକୁଞ୍ଜ ଆଜି ଦୁର୍ଦ୍ଦିନବିବଶା
ଲଭିଛୁ ନୀରବେ ବନ୍ୟ ପ୍ରସୂନର ଦଶା
ସମସ୍ତ ବିଭବତାର ହୋଇଅଛୁ ଚୂନା
ଯାଉଛୁ କର୍ପୂର ସାର ପଡ଼ିଅଛୁ କନା ।
କେତେବାର ଗୋପବନ୍ଧୁ ଯାଇ କଲିକତା
ଓଡ଼ିଆ ଭାଇଙ୍କୁ ଦେଲ ଆଶ୍ୱାସ ବାରତା
ଦେଖାଇଲ ଏ କଳ୍ପିତ ଓଡ଼ିଆ ସଂହତି
ଓଡ଼ିଆର ମନବଳ ଦୃଢ଼ ଭୁଜଶକ୍ତି ।
ସ୍ୱଦେଶ ମିଶ୍ରଣ କଥା ନିରନ୍ତର ଭାଳି
ଜାତିର ଜୀବନ୍ତ ଅଣେ ଦେଲ ପ୍ରାଣଢାଳି
ଦୂର ଫୁଲଝର ଖଡ଼ିଆଳ ସିଂଭୂମେ
ସ୍ଥାପିଲ ଓଡ଼ିଆ ବିଦ୍ୟାଗାର ଗ୍ରାମେ ଗ୍ରାମେ ।
ତୋମାତା ଅର୍ଚ୍ଚନା ଥିଲା ଜୀବନର ବ୍ରତ
ନୈଷ୍ଠିଗଲ ଗୋ ମାହାତ୍ମ୍ୟ ଭକ୍ତ ସତ୍ୟବ୍ରତ
ଘରେ ଘରେ ପ୍ରଚାରିଲ ଭାଗବତ ଧର୍ମ
ବୁଝିଥିଲ ସିନା ଭକ୍ତ ଭାଗବତ ମର୍ମ ।
କୂଟ ସର୍ଜ୍ଜନାଥ ବଳେ ଓଡ଼ିଆ ଅଚାର
ଧରିଛ ବିଭବ ମୂର୍ତ୍ତି ହାନ ବଦାଚାର ।

Digitized by srujan ka@gmail.com

ସେଥିଲାଗି ଗ୍ରାମେ ଗ୍ରାମେ ପ୍ରଚାରିଲ ଭକ୍ତ
'ଭାଗବତ ଟୁଙ୍ଗୀ ସର୍ବେ କର ପ୍ରତିଷ୍ଠିତ ।'
ବିପଥେ ନଯାଉ କେହୁ ଉତ୍କଳ-ସନ୍ତାନ
ସାରସ୍ୱତ ଭାଗବତେ ରହୁ ତାର ଧ୍ୟାନ ।

ମୁଦ୍ରାକର—ଶ୍ରୀ ନୀଳମଣି ସଉଡର, ପ୍ରଜାତନ୍ତ୍ର ପ୍ରେସ, କଟକ—୧୯୫୧

Digitized by srujan ka@gmail.com

ପ୍ରାପ୍ତିସ୍ଥାନ
ରାଧାମୋହନ ପୁସ୍ତକାଳୟ
ବାଙ୍କାବଜାର
କଟକ-୨

Digitized by srujan ka@gmail.com